## କ୍ଲଷ୍ଟରସ୍ତରୀୟ ସମୀକ୍ଷା ବୈଠକ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ୟୁପି ସ୍କୁଲରେ ବୁଠାପଦର ଓ ଖଣ୍ଡହତା କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ରଥ ତଥା ପର୍ଶୁରାମ ମେହେର, ଅଜିତ ନାଏକ, ନାରାୟଣ ଜଗଦଲା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଉଭୟ କ୍ଲଷ୍ଟରରୁ ମୋ ସ୍କୁଲ ଅଭିଯାନକୁ ଏକ ଲକ୍ଷ ଟଙ୍କା ଲେଖାଏ ଦାନ କରାଯାଇଥିଲା । ରଘୁନାଥ କାଣ୍ଡରା ସଭା ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବିଶାମିତ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।




## ସଂକ୍ଷେପରେ

### ବଧୂ ନିର୍ଯାତନା, ଯବାନ ଗିରଫ

ରାଉରକେଲା ଅଫିସ୍, ୮।୧୦: ବଧୂ ନିର୍ଯାତନା ଅଭିଯୋଗରେ ସିଆଇଏସ୍‌ଏଫ୍‌ର ଜଣେ ଯବାନଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମୁନା ଲୋହାର (୩୨) । ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ରାଉରକେଲା ସେକ୍ଟର-୪ ସ୍ଥିତ ମହିଳା ଥାନା ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଗତ ୨ ବର୍ଷ ତଳେ ମୁନା ନୂଆଗାଁ ପୁରୁଣାପାଣି ଅଞ୍ଚଳର ପ୍ରୀତି ଲୋହାରଙ୍କୁ ବିବାହ କରିଥିଲେ। ବିବାହ ପରେ ଶାଶୁଘର ଲୋକେ ଯୌତୁକ ପାଇଁ ପ୍ରୀତିଙ୍କୁ ନିର୍ଯାତନା ଦେଉଥିଲେ। ଏ ନେଇ ପ୍ରୀତି ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

### ୪ ହୋଟେଲକୁ ନୋଟିସ

ରାଉରକେଲା ଅଫିସ,୮।୧୦: ରାଉରକେଲା ମହାନଗର ନିଗମ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଟେଲରେ ଚଢ଼ାଉ କରି ଖାଦ୍ୟ ନମୁନା ସଂଗ୍ରହ କରାଯାଇଥିଲା। ଶୁକ୍ରବାର ନମୁନା ରିପୋର୍ଟ ଆସିଛି। ଏହି ରିପୋର୍ଟ ଆଧାରରେ ଆର୍‌ଏମ୍‌ସି ପକ୍ଷରୁ ୪ଟି ହୋଟେଲକୁ ନୋଟିସ ଜାରି କରାଯାଇଥିବା ଜଣାପଡିଛି। ସୂଚନା ଅନୁସାରେ, ଗତ ୫ତାରିଖରେ ରାଉରକେଲା ସହରର ୨୬ଟି ହୋଟେଲରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ହୋଟେଲରେ ବ୍ୟବହାର ହେଉଥିବା ନକଲି ସସ୍, ପଚା ପରିବା, ଖାଦ୍ୟରେ ମିଶୁଥିବା ନକଲି ରଙ୍ଗ, ବାସି ପନିର, ନିମ୍ନମାନର ତେଲ ଭଳି ସାମଗ୍ରୀଗୁଡ଼ିକୁ ଖାଦ୍ୟ ସୁରକ୍ଷା ଅଧିକାରୀ ଜବତ କରିଥିଲେ। ଏହାସହ ବିଭିନ୍ନ ହୋଟେଲରୁ ସମୁଦାୟ ୧୧ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ଖାଦ୍ୟ ସୁରକ୍ଷା ବିଭାଗ କର୍ମଚାରୀ ରନ୍ଧା ଖାଦ୍ୟ ନମୁନାକୁ ସଂଗ୍ରହ କରି ଯାଞ୍ଚ ପାଇଁ ପଠାଇଥିଲେ। ଶୁକ୍ରବାର ରିପୋର୍ଟ ଆସିବା ପରେ ନିମ୍ନମାନର ଖାଦ୍ୟ ରାଖୁଥିବା ଅଭିଯୋଗରେ ୪ଟି ହୋଟେଲକୁ ନୋଟିସ ଜାରି କରାଯାଇଛି । ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ୱାଗତିକା ବେହେରା କହିଛନ୍ତି।

### ଓଭରବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା

ରାଉରକେଲା ଅଫିସ,୮।୧୦: ରାଉରକେଲା ପୁରୁଣା ଷ୍ଟେସନ ନିକଟରେ ଥିବା ରେଲୱେ ଓଭରବ୍ରିଜ୍ ଉପରୁ ଡେଇଁ ଜଣେ ବୃଦ୍ଧ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗୋପବନ୍ଧୁପାଲି ଅଞ୍ଚଳର ରାଜେନ୍ଦ୍ର ପ୍ରସାଦ ମାହାତୋ(୬୫)। ଏ ନେଇ ପରିବାର ଲୋକେ ଜିଆର୍‌ପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୧/୨୧) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ରାଜେନ୍ଦ୍ର ରାଉରକେଲା ରେଲୱେ ଷ୍ଟେଶନରେ ଥିବା ପାର୍ସଲ କାର୍ଯ୍ୟାଳୟରେ କୁଲି କାମ କରନ୍ତି। ସେ କୌଣସି କାରଣରୁ ଗୁରୁବାର ରାତି ସାଢ଼େ ୧୦ଟାରେ ଘର ନିକଟରେ ଥିବା ରେଲୱେ ଓଭରବ୍ରିଜ୍ ତଳକୁ ଡେଇଁ ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଡାକ ପାର୍ସଲ ଆଳରେ ଗୋରୁ ଚାଲାଣ

**ବରଗଡ଼ ଅଫିସ୍,୮।୧୦:** ବରଗଡ଼ ସହର ଉପକଣ୍ଠ ଘୁଲିପାଲି ଛକରେ ଶୁକ୍ରବାର ଭୋର୍‌ରୁ ଗୋରୁ ଚାଲାଣ କରୁଥିବା ଏକ କଣ୍ଟେନର ଧରାପଡ଼ିଛି। କଣ୍ଟେନର ଗାଡ଼ି ମଧ୍ୟରେ ଥିବା ପ୍ରାୟ ୮୦ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସେଥିରେ ୩ ମୃତ ଗୋରୁ ଅଛନ୍ତି। ସମ୍ପୃକ୍ତ କଣ୍ଟେନର ପଛପଟେ ଡାକ ପାର୍ଶଲ ଲେଖାଯାଇଥିବାବେଳେ ଅନେକ ନମ୍ବର ପ୍ଲେଟ ମିଳିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଦେଇ ସମ୍ବଲପୁର ପଟକୁ ଗୋରୁ ବୋଝେଇ କରି କଣ୍ଟେନର ଯାଉଥିବା ସୂଚନା ପାଇ ସ୍ଥାନୀୟ ବଜରଙ୍ଗ ଦଳର କର୍ମୀମାନେ ଘୁଲିପାଲି ଛକରେ ସେହି ଗାଡ଼ିକୁ ଅଟକାଇଥିଲେ। ପରେ ଗାଡ଼ି ଚାଳକ ଏବଂ ତାଙ୍କ ସହିତ ଅନ୍ୟଜଣେ ସେଠାରୁ ଖସି ପଳାଇଥିଲେ। କଣ୍ଟେନର ପଛପଟ ଖୋଲିବା ପରେ ସେଥିରେ ଗୋର ଥିବା ଦେଖିବାକୁ ମିଳିଥିଲା। ଟାଉନ ଥାନା ପୋଲିସ, ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚିଥିଲେ। ସମ୍ପୃକ୍ତ କଣ୍ଟେନରକୁ ଜବତ କରି ଟାଉନ ଥାନା ପୋଲିସ ଏହାର ଅଧିକ ତଦନ୍ତ କରୁଛି।

# ବିସ୍ଥାପିତ ହେବେ ୪୧୦ ପରିବାର

ଅମ୍ବାଭୋନା,୮।୧୦(ଡି.ଏନ.ଏ)


ଅମ୍ବାଭୋନା ବ୍ଲକ କୁରୁମକେଲରେ ଅନୁଷ୍ଠିତ ଜନଶୁଣାଣୀ ଶିବିର।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କୁରୁମକେଲ ଗ୍ରାମରେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କ ପୁନର୍ବାସ ଯୋଜନା ଅନୁଯାୟୀ ଶୁକ୍ରବାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ହୀରାକୁଦ ବନ୍ୟପ୍ରାଣୀ ସଂରକ୍ଷଣ ଡିଏଫ୍‌ଓ ଅଂଶୁପ୍ରଭା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ହୀରାକୁଦ ଜଳଭଣ୍ଡାର ଅବବାହିକାରେ ଥିବା ରେଙ୍ଗାଲି, ଭୁଥୁଲି, କୁରୁମକେଲ, ବାଲିଯୋରି ଗ୍ରାମର ବିସ୍ଥାପନ ପାଇଁ ଶୁଣାଣି କରାଯାଇଥିଲା। ଶିବିରରେ ଅମ୍ବାଭୋନା ତହସିଲଦାର ସୀତାରାମ ଭୋଇ, ବିଡ଼ିଓ ଆଲଫ୍ରାନ୍ସ ବିଲୁଙ୍ଗ, ହୀରାକୁଦ ବନ୍ୟପ୍ରାଣୀ ସଂରକ୍ଷଣ ଅଧିକାରୀ ଦାଶ, ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ, ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଅମ୍ବାଭୋନା ପ୍ରାଣୀଧନ ଅଧିକାରୀ ଶ୍ରୀକାନ୍ତ ପରିଡ଼ା, ରେଞ୍ଜ ଅଧିକାରୀ ଦିଲୀପ କୁମାର ଧଳ, ପୂର୍ବତନ ସରପଞ୍ଚ ହୀରାଧର ସାହୁ, ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିସ୍ଥାପନ, ପୁନର୍ବାସ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏହା ଅନ୍ତିମ ଜନଶୁଣାଣି ହୋଇଥିବାରୁ ନିକଟ ଭବିଷ୍ୟତରେ ଉପରୋକ୍ତ ଗ୍ରାମବାସୀ ଭିଟାମାଟି ଛାଡ଼ିବେ ଏବଂ ଅମ୍ବାଭୋନା ବ୍ଲକ ମାନଚିତ୍ରରୁ ଏହି ଗ୍ରାମ ଗୁଡ଼ିକ ଲିଭିଯିବା ସ୍ପଷ୍ଟ ହୋଇଯାଇଛି।

### ଜନଶୁଣାଣି ସରିଲା

ହୀରାକୁଦ ନଦୀବନ୍ଧ ଯୋଜନା ଆରମ୍ଭ ହେବା ପରେ ଉପରୋକ୍ତ ଗ୍ରାମବାସୀ ବିସ୍ଥାପିତ ହୋଇ ବାରପାହାଡ଼ ଜଙ୍ଗଲ ନିକଟରେ ଏହି ଗ୍ରାମ ଗୁଡ଼ିକରେ ବସତି ସ୍ଥାପନ କରିଥିଲେ । ତେବେ କେନ୍ଦ୍ର ସରକାରଙ୍କ ବ୍ୟାଘ୍ର ସଂରକ୍ଷଣ ପାଇଁ ଉକ୍ତ ସ୍ଥାନ ଚିହ୍ନଟ ହେବା ପରେ ପୁଣି ସେମାନଙ୍କୁ ବିସ୍ଥାପିତ ହେବାକୁ ପଡୁଛି। ଉପରୋକ୍ତ ଗ୍ରାମର ୪୧୦ ପରିବାର ବିସ୍ଥାପିତ ହେବେ ବୋଲି ସୂଚନା ମିଳିଛି। ପୁନର୍ବାସ ଯୋଜନା ଅନୁଯାୟୀ ପ୍ରତି ପରିବାରକୁ ୧୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଆଦି ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।

## ଟିଟିଲାଗଡରେ ଖୋଲିବ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟୟନ କେନ୍ଦ୍ର

ଟିଟିଲାଗଡ,୮।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ଡି.ଏ.ଭି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନ କେନ୍ଦ୍ର ଖୋଲିବା ନେଇ ନିଷ୍ପତ୍ତି ହୋଇଛି । ଏହା ଖୋଲିବା ନେଇ ଗତ ଜୁଲାଇ ୨୭ ତାରିଖ ଦିନ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁଙ୍କୁ ଓ.ଏସ.ଓ.ୟୁ ଛାତ୍ର ସଂଘର ସଭାପତି ଭୀଷ୍ମସେନ ମହାକୁରଙ୍କ ନେତୃତ୍ୱରେ ଛାତ୍ର ନେତା ଦିନେଶ କୁମାର ନାଗ, ରଣା ପ୍ରତାପ ଛତ୍ରୀଆ, ଖୁସିରାମ ବଗର୍ତ୍ତୀ, ନୀଳମଣି ଦୀପ, ନର ରଣା, ରାଧେଶ୍ୟାମ ବାଗ ପ୍ରମୁଖ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଉକ୍ତ ଦାବିପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେଇଥିବାରୁ ଆଜି ଟିଟିଲାଗଡ ଡି.ଏ. ଭି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ସ୍ଥାୟୀ ଅଧ୍ୟୟନ କେନ୍ଦ୍ର ଖୋଲିବା ସମ୍ଭବ ହୋଇପାରିଛି । ଏଥିପାଇଁ ମନ୍ତ୍ରୀ ସାହୁଙ୍କୁ ଓଏସଓୟୁ ଛାତ୍ର ସଂଘ ତରଫରୁ ଧନ୍ୟବାଦ ଜଣାଯାଇଛି।

# ମରୁଡ଼ି ଘୋଷଣା ଦାବିରେ ଘେରାଉ

ଝାରବନ୍ଧ,୮।୧୦(ଡି.ଏନ.ଏ)


ମରୁଡ଼ି ଘୋଷଣା ଦାବିରେ ଚାଷୀଙ୍କ ଝାରବନ୍ଧ ତହସିଲ ଅଫିସ୍ ଘେରାଉ।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକକୁ ମରୁଡ଼ି ଘୋଷଣା ଦାବିରେ ଶୁକ୍ରବାର ସ୍ଥାନୀୟ ଚାଷୀମାନେ ତହସିଲ ଅଫିସ ଘେରାଉ କରିଥିଲେ। ଏହାସହିତ ତହସିଲଦାର ସୀମା ସବିତା କୁଲୁଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ଝାରବନ୍ଧ ବ୍ଲକ ଅଣଜଳସେଚିତ ଏବଂ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ। ଏଠାରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀମାନେ ଖରିଫରେ ବର୍ଷା ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିଥାନ୍ତି। ତେବେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଉକ୍ତ ବ୍ଲକରେ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ଫଳରେ ଝାରବନ୍ଧ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା, ଲୋ ଭୋଲଟେଜ ସମସ୍ୟାର ସମାଧାନ, କୃଷିଋଣ ଛାଡ଼, ଗଣିବ୍ୟାଗ ବାବଦକୁ ଚାଷୀଙ୍କ ଟଙ୍କା ଫେରସ୍ତ, ଗଭୀର ନଳକୂପରେ ବିଦ୍ୟୁତ ସଂଯୋଗ, ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ନଦୀ ସଂଯୋଗୀକରଣ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅନିୟମିତତାର ତଦନ୍ତ ଆଦି ଦାବି ନେଇ ଚାଷୀମାନେ ତହସିଲ ଅଫିସ ଘେରାଉ କରିଥିଲେ। ଚାଷୀନେତା ଭୁବନାନନ୍ଦ ନାୟକ, ତୁଲରାମ ଭୋଇ, ପ୍ରମୋଦ କୁମାର ରାୟ, ତରୁଣ ପଟେଲ, ଅଶୋକ ସାହୁ, ଲଳିତ ନାୟକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଚାଷୀନେତା ଅଶୋକ ସାହୁ, ରମେଶ ମହାପାତ୍ର ପ୍ରମୁଖ ଯୋଗଦାନ କରି ଆନ୍ଦୋଳନକୁ ସମର୍ଥନ କରିଥିଲେ।

### ଉପଜିଲାପାଳଙ୍କ ଘଣ୍ଟାପଡ଼ା ସ୍ମାର୍ଟ ହାଇସ୍କୁଲ ପରିଦର୍ଶନ

**ବାଉଁଶୁଣୀ,୮।୧୦(ଡି.ଏନ୍.ଏ.):** ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ସରକାରୀ ସ୍ମାର୍ଟ ବିଦ୍ୟାଳୟକୁ ବୌଦ୍ଧ ଉପଜିଲାପାଳ ଅଶିନୀ ମେହେର ଶୁକ୍ରବାର ଆସିଥିଲେ। ସ୍ମାର୍ଟ ବୋର୍ଡରେ ପାଠ ପଢ଼ାଇବା ସହ ବିଜ୍ଞାନ ଗୃହ, ଇ- ଲାଇବ୍ରେରୀ ହଲ ଦେଖିଥିଲେ। ଭୋକେସନାଲ ହଲ ଓ ବୁଟାନୀ ଗାର୍ଡେନ ଦେଖି ପ୍ରଶଂସା କରିଥିଲେ। ତାଙ୍କ ସହିତ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମନାଥ ଭୂୟାଁ, ମୋ ସ୍କୁଲର ସଭାପତି ସୁଶାନ୍ତ ମାଝୀ, ଆଲୁମିନା ପ୍ରଭାତ କୁମାର ସାହୁ, ମନୋଜ ପାଣିଗ୍ରାହୀ, ସୁଶାନ୍ତ କଅଁର, ଅଶୋକ ଦେହୁରୀ, ପ୍ରଧାନ ଶିକ୍ଷକ ପିତବାସ ପଣ୍ଡା, ଶିକ୍ଷକ ଲିପୁନ ପ୍ରଧାନ, ଆକାଶ ମେହେର ଓ ରବିନ୍ଦ୍ର ଦେହୁରୀ ଉପସ୍ଥିତ ରହିଥିଲେ। ଠିକାଦାର ଶ୍ରବଣ କୁମାର ଦେହୁରୀଙ୍କୁ ଛାତ୍ରୀଛାତ୍ରଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ନିର୍ମାଣ କରିବାକୁ କହିଥିଲେ।

# ସଂରକ୍ଷଣ ତାଲିକା ପ୍ରକାଶିତ

ବରଗଡ଼ ଅଫିସ୍,୮।୧୦

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଜିଲାର ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରସ୍ତାବିତ ସଂରକ୍ଷଣ ତାଲିକା ପ୍ରକଶ ପାଇଛି। ଜିଲା ପରିଷଦ ସଭ୍ୟ ଆସନରେ ଅତାବିରା ଜୋନ-୧ ପଛୁଆବର୍ଗ ମହିଳା, ଜୋନ-୨ ଅନୁସୂଚିତ ଜାତି ମହିଳା, ଜୋନ-୩ ଅଣସଂରକ୍ଷିତ ମହିଳା ଏବଂ ଜୋନ-୪ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ଅମ୍ବାଭୋନା ଜୋନ-୧ ପଛୁଆବର୍ଗ, ଜୋନ-୨ ଅନୁସୂଚିତ ଜନଜାତି ମହିଳା, ଗାଇସିଲେଟ୍ ଜୋନ-୧ ପଛୁଆବର୍ଗ, ଜୋନ-୨ ଅଣସଂରକ୍ଷିତ, ଝାରବନ୍ଧ ଜୋନ-୧ ଅନୁସୂଚିତ ଜାତି ମହିଳା, ଜୋନ-୨ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି ।

ପାଇକମାଳ ଜୋନ-୧ ଅନୁସୂଚିତ ଜନଜାତି ମହିଳା, ଜୋନ-୨ ଅନୁସୂଚିତ ଜନଜାତି, ଜୋନ-୩ ଅନୁସୂଚିତ ଜନଜାତି ମହିଳା, ବରଗଡ଼ ଜୋନ-୧ ଅନୁସୂଚିତ ଜାତି, ଜୋନ-୨ ଅଣସଂରକ୍ଷିତ ମହିଳା, ଜୋନ-୩ ଅନୁସୂଚିତ ଜାତି ମହିଳା, ଜୋନ-୪ ଅଣସଂରକ୍ଷିତ, ବରପାଲି ଜୋନ-୧ ଅଣସଂରକ୍ଷିତ ମହିଳା, ଜୋନ-୨ ଅନୁସୂଚିତ ଜାତି, ଜୋନ-୩ ଅଣସଂରକ୍ଷିତଙ୍କ ପାଇଁ ସଂରକ୍ଷିତ ହୋଇଛି। ବିଜେପୁର ଜୋନ-୧ ଅଣସଂରକ୍ଷିତ ମହିଳା, ଜୋନ-୨ ଅଣସଂରକ୍ଷିତ, ଜୋନ-୩ ଅଣସଂରକ୍ଷିତ ମହିଳା, ଭଟଲି ଜୋନ-୧ ଅନୁସୂଚିତ ଜନଜାତି, ଜୋନ-୨ ଅଣସଂରକ୍ଷିତ, ଭେଡ଼େନ ଜୋନ-୧ ଅଣସଂରକ୍ଷିତ ମହିଳା, ଜୋନ-୨ ଅଣସଂରକ୍ଷିତ, ଜୋନ-୩ ଅନୁସୂଚିତ ଜାତି ମହିଳା, ରାଜବୋଡ଼ାସମ୍ବର ଜୋନ-୧ ଅନୁସୂଚିତ ଜନଜାତି ମହିଳା, ଜୋନ-୨ ଅଣସଂରକ୍ଷିତ ମହିଳା, ଜୋନ-୩ ଅଣସଂରକ୍ଷିତ ଏବଂ ସୋହେଲା ଜୋନ-୧ ଅଣସଂରକ୍ଷିତ ମହିଳା, ଜୋନ-୨ ଏବଂ ଜୋନ-୩ ଅଣସଂରକ୍ଷିତ ରହିଛି।

### ବରଗଡ଼ ଜିଲା

ଜିଲାର ପ୍ରତି ପଞ୍ଚାୟତ ସମିତି ଅଧ୍ୟକ୍ଷ ସଂରକ୍ଷଣ ଆସନ ତାଲିକା ମଧ୍ୟ ପ୍ରକାଶ ପାଇଛି। ଏଥିରେ ଅତାବିରା ଅଣସଂରକ୍ଷିତ ମହିଳା, ଅମ୍ବାଭୋନା ଅଣସଂରକ୍ଷିତ, ଗାଇସିଲେଟ ଅଣସଂରକ୍ଷିତ ମହିଳା, ଝାରବନ୍ଧ ଅନୁସୂଚିତ ଜାତି ମହିଳା, ପାଇକମାଳ ଅନୁସୂଚିତ ଜାତି, ବରଗଡ଼ ଅନୁସୂଚିତ ଜନଜାତି ମହିଳା, ବରପାଲି ଅଣସଂରକ୍ଷିତ, ବିଜେପୁର ଅଣସରକ୍ଷିତ ମହିଳା, ଭଟଲି ଅଣସଂରକ୍ଷିତ, ଭେଡ଼େନ ଅନୁସୂଚିତ ଜନଜାତି, ରାଜବୋଡ଼ାସମ୍ବର ପଛୁଆବର୍ଗ ମହିଳା ଏବଂ ସୋହେଲା ପଛୁଆବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ସେହିପରି ଜିଲାର ପ୍ରତି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ପ୍ରସ୍ତାବିତ ଆସନ ସଂରକ୍ଷଣ ତାଲିକା ମଧ୍ୟ ପ୍ରକାଶ ପାଇଛି ।

## ବୌଦ୍ଧ ଆସିବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି

ବୌଦ୍ଧ,୮।୧୦(ସ୍ୱ.ପ୍ର.)

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ଏସ.ମୁରଲିଧର ଶନିବାର ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସୁଛନ୍ତି। ଏଥିପାଇଁ ଜିଲା ବିଚାର ବିଭାଗ, ଜିଲା ଓକିଲ ସଂଘ ସମେତ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମୁଖ୍ୟ ବିଚାରପତି ସୁବର୍ଣ୍ଣପୁରରୁ ଖୋର୍ଦ୍ଧା -ବଲାଙ୍ଗୀର ଜାତୀୟ ରାଜପଥ ଦେଇ ଅପରାହ୍ନ ୩ଟା୩୦ରେ ବୌଦ୍ଧରେ ପହଞ୍ଚିବା ପରେ ଜିଲା ବିଚାର ବିଭାଗ କାର୍ଯ୍ୟାଳୟ ବୁଲି ଦେଖିବା ସହିତ ବିଭିନ୍ନ ସମସ୍ୟା ନେଇ ବିଚାର ବିଭାଗ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ। ତାପରେ ଜିଲା ଓକିଲ ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରିବା ପରେ ରେଡ଼ାଖୋଲ ରେଳଷ୍ଟେସନ ଦେଇ ସେ କଟକ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଜିଲା ସଂଗ୍ରହାଳୟ ପରିସରରେ ମୁଖ୍ୟ ବିଚାରପତିଙ୍କ ଆଲୋଚନା କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବାବେଳେ ଏଥିପାଇଁ ସଂଗ୍ରହାଳୟ ପରିସରରେ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଛି। ଜିଲା ଦୌରାଜଜ ସୁଶ୍ରୀ ପ୍ରତିମା ପଣ୍ଡା, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ଆରକ୍ଷୀ ଅଧିକ୍ଷକ ଜ୍ଞାନରଞ୍ଜନ ମହାନ୍ତି, ଜିଲା ଓକିଲ ସଂଘ ସଭାପତି ତାରେଣି ମହାପାତ୍ରଙ୍କ ସମେତ ବିଚାର ବିଭାଗୀୟ ଅଧିକାରୀ ଓ ବରିଷ୍ଠ ଆଇନଜିବୀମାନେ ଜିଲା ସଂଗ୍ରହାଳୟରେ ପହଞ୍ଚି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ସେବା ସମବାୟ ସମିତି ଗୃହ

ବାଉଁଶୁଣୀ,୮।୧୦(ଡି.ଏନ.ଏ)

ବାଉଁଶୁଣୀଠାରେ ଥିବା ସେବା ସମବାୟ ସମିତି କାର୍ଯ୍ୟାଳୟର ଗୃହଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଦଦରା ଘରେ ବର୍ତ୍ତମାନ ସମିତି କାର୍ଯ୍ୟାଳୟ ଚାଲିଥିବା ବେଳେ ପାର୍ଶ୍ୱରେ ଥିବା ଛାତ ଘର ପରିତ୍ୟକ୍ତ ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି। ଉକ୍ତ ଘରେ ୧୯୮୫ରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା କାର୍ଯ୍ୟ କରୁଥିବା ବେଳେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ପରେ ଉକ୍ତ ଘର ଖାଲି ରହିଥିଲା। ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଭୂତକୋଠିରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ସମବାୟ ବିଭାଗର ଅବହେଳା ଓ ସମିତିର ସମ୍ପାଦକ ପଦବୀ ଦୁଇ ବର୍ଷ ହେଲା ଖାଲି ପଡିଥିବା ହେତୁ ସମିତିର ପୁରୁଣା କୋଠା ମରାମତି ହୋଇପାରୁନାହିଁ ବୋଲି ଜନସାଧାରଣରେ ଅଭିଯୋଗ ହେଉଛି। ବାଉଁଶୁଣୀ ଡାକ ଘର ଭଡାରେ ଚାଲୁଥିବା ହେତୁ ଆବଶ୍ୟକ ହେଲେ ଏ ପୁରୁଣା କୋଠା ମରାମତି କରାଯାଇ ଏଠାରେ ଡାକଘର ଖୋଲାଯାଇ ପାରନ୍ତା। ମାତ୍ର ତାହା ମଧ କରାଯାଇ ପାରୁନାହିଁ। ଭାଙ୍ଗିରୁଜି ନଷ୍ଟ ହେବା ଆଗରୁ ଉକ୍ତ କୋଠାର ପୁନଃ ଉଦ୍ଧାର କରାଯିବାକୁ ଜନସାଧାରଣରେ ଦାବିହେଉଛି।


ସେବା ସମବାୟ ସମିତି କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଛି।

# ଦଳିତ ଅତ୍ୟାଚାର ପ୍ରତି ନୀରବତା ଦୁର୍ଭାଗ୍ୟଜନକ


ଖବରଦାତା ସମ୍ମିଳନୀରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ପ୍ରତିନିଧିବୃନ୍ଦ।

ବରଗଡ଼ ଅଫିସ୍,୮।୧୦

ବରଗଡ଼ ଜିଲାରେ ଗତ କିଛି ମାସ ହେଲା ଦଳିତ ବର୍ଗର ଲୋକଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଛି। ଏହାସତ୍ତ୍ୱେ ପୋଲିସ, ପ୍ରଶାସନର ନିରବତା ଦୁର୍ଭାଗ୍ୟଜନକ ବୋଲି ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ ସାମ୍ବାଦିକ ସଂଘ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି କହିଛନ୍ତି। ପୋଲିସ, ପ୍ରଶାସନ ଯଦି ଏଭଳି ନିରବଦର୍ଶକ ସାଜେ, ତେବେ ଆଗାମୀ ଦିନରେ ଏଥିପାଇଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ସେ ସୂଚାଇ ଦେଇଥିଲେ।

ସେ କହିଥିଲେ, ଗୁରୁବାର ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ, ମୂଳ ନିବାସୀ ସମତା ପରିଷଦ, ଗାଁରୁ ଆନ୍ଦୋଳନ ଅଭିଯାନର ପ୍ରତିନିଧିଙ୍କ ସମେତ ସଚେତନ ନାଗରିକଙ୍କୁ ନେଇ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଦୁଲା, ଗୌରେନମୁଣ୍ଡା ଏବଂ ଟାଉନ ଥାନା ଅନ୍ତର୍ଗତ ତୋରା ଗ୍ରାମକୁ ଯାଇଥିଲେ। କୁଦୁଲାର ପୀଡ଼ିତା, ଗୌରେନମୁଣ୍ଡାରେ ସାମାଜିକ ବାସନ୍ଦ ଜୀବନ ଅତିବାହିତ କରୁଥିବା ପଡ଼ାବାସୀ ଏବଂ ତୋରାରେ ପୋଲିସ ମାଡ଼ରେ ମୃତ ଯୁବକଙ୍କ ପରିବାର ଏବଂ ଗ୍ରାମବାସୀଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ। ସେଠାରୁ ଫେରିବା ପରେ ସେମାନେ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଭେଟିଥିଲେ। ଉକ୍ତ ଗ୍ରାମରେ ଦଳିତଙ୍କ ପ୍ରତି ହୋଇଥିବା ଅତ୍ୟାଚାରରେ ଠୋସ୍ ପ୍ରମାଣ ଥିବା ସତ୍ତ୍ୱେ ପୋଲିସ, ପ୍ରଶାସନ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନ ନେବା ଏବଂ ଅଧିକାରୀମାନେ କୌଣସି ଚାପର ବଶବର୍ତ୍ତୀ ହେଉଥିବା ଅନୁମାନ କରାଯାଇଥିଲା ବୋଲି ମହାନ୍ତି କହିଥିଲେ।

ତେବେ ଦଳିତଙ୍କ ପ୍ରତି ହେଉଥିବା ନିର୍ଯାତନା, ଅତ୍ୟାଚାର ପ୍ରତି ସ୍ଥାନୀୟ ପୋଲିସ, ପ୍ରଶାସନିକ ଅଧିକାରୀମାନେ ଚୁପ୍ ରହିଲେ ସାରା ରାଜ୍ୟରେ ଏଭଳି ଅତ୍ୟାଚାର ବଢ଼ି ଚାଲିବ ଏବଂ ଏଥିରେ କିଛି ସନ୍ଦେହ ନାହିଁ ବୋଲି ମହାନ୍ତି କହିଥିଲେ। ଖବରଦାତା ସମ୍ମିଳନୀରେ ବିଶ୍ୱନାଥ ପାତ୍ର, ଆଡ଼ଭୋକେଟ୍ ପ୍ରତିମା ଦାସ, ବିଭ୍ରାନ୍ତ ବିଶ୍ୱଜିତ, ସାମାଜିକ କର୍ମୀ ସ୍ୱାତୀ ମିଶ୍ର, ଦଳିତ ଅଧିକାର କର୍ମୀ ଚୈତନ୍ୟ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ଖପ୍ରାଖୋଲରେ ଜିଲା ତୀରନ୍ଦାଜ ସଂଘର ଉଦ୍‌ଘାଟନୀ ଉତ୍ସବ

ଖପ୍ରାଖୋଲ,୮।୧୦ (ଡି.ଏନ.ଏ.)

ସ୍ଥାନୀୟ ତୀରନ୍ଦାଜ ପଡିଆଠାରେ ଜିଲା ତୀରନ୍ଦାଜ ସଂଘର ଉଦଘାଟନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ତୀରନ୍ଦାଜ ସଂଘ ସଭାପତି ରମାକାନ୍ତ ଭୋଇ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସାରଙ୍ଗଧର ଠାକୁର, ରାଜରାମ ବେହେରା, ଆନନ୍ଦ ଦାଶ, ସିଆରପିଏଫ୍ ଇନ୍ସପେକ୍ଟର ଲିମସନ୍, ରଜତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ସଂସ୍କୃତିରେ ତୀରନ୍ଦାଜର ସ୍ୱତନ୍ତ୍ର ଇତିହାସ ରହିଥିବା ବେଳେ ଖପ୍ରାଖୋଲ ଅଞ୍ଚଳରେ ଯୁବକଙ୍କୁ ସଂଗଠିତ ଏବଂ ସଚେତନ କରି ଜିଲାସ୍ତରୀୟ ତୀରନ୍ଦାଜ ସଂଘ ଗଠନକୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଆଶିଷ ଦିପ ପରିଚାଳନା କରିଥିବା ବେଳେ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ରେ ଆଦିବାସୀଙ୍କ ରଣହୁଙ୍କାର

■ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ
■ କଳକାରଖାନା ପାଇଁ ଜନଶୁଣାଣିକୁ ବିରୋଧ

**ସୁନ୍ଦରଗଡ଼,୮।୧୦ (ଡି.ଏନ୍.ଏ)**

ଜଳ, ଜମି, ଜଙ୍ଗଲ ହମାରା ହୈ, କାନଖୋଲକର ଶୁନ ସରକାର। ହମାରା ଗାଁଓ ମେ ହମାରା ସରକାର ଆଦି ବିଭିନ୍ନ ଧ୍ୱନୀରେ ଆଦିବାସୀମାନେ ବିରାଟ ଶୋଭାଯାତ୍ରାରେ ଆସି ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାର ରାଜଗାଙ୍ଗପୁର, କୁତ୍ରା ଅଞ୍ଚଳରୁ ଶହଶହ ସଂଖ୍ୟାରେ ଆଦିବାସୀ ମହିଳା ଓ ପୁରୁଷ ହାତରେ ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ଆଦି ଧରି ଆସି ସ୍ଲୋଗାନ ଦେଇଥିଲେ। ଜଙ୍ଗଲ ଜମି ଅଧିକାର ଓ ପେସା ଆଇନ୍‌କୁ ଉଲ୍ଲଂଘନ କରି ରାଜଗାଙ୍ଗପୁର କୁତ୍ରା ସମେତ ଜିଲାର ବିଭିନ୍ନ ସ୍ଥାନରେ ଗଢିଉଠୁଥିବା କଳକାରଖାନା ପାଇଁ ଜନଶୁଣାଣିକୁ ବିରୋଧ କରି ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଅଧିବାସୀମାନଙ୍କ ମତାମତକୁ ଉପେକ୍ଷା କରି କଳକାରଖାନା ପ୍ରତିଷ୍ଠା ପାଇଁ ପ୍ରଶାସନର ଉଦ୍ୟମକୁ ତୀବ୍ର ବିରୋଧ କରିଥିଲେ। ଏପରିକି ହୋଇଥିବା କେତେକ ଜନଶୁଣାଣିକୁ ସେମାନେ ବାତିଲ କରିବା ପାଇଁ ଦାବି କରିଥିଲେ। ଏଥିସହ ଏହି ମର୍ମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ୍ ତିର୍କୀ, ରାଜଗାଙ୍ଗପୁର ବିଧାୟକ ଡା.ସିଏସ୍ ରାଜେନ୍ ଏକ୍କା ପ୍ରମୁଖ ଏହି ବିକ୍ଷୋଭ ସଭାରେ ଯୋଗଦେଇ ଆଦିବାସୀଙ୍କ ହକ୍ ଓ ଦାବିକୁ ଉପେକ୍ଷା କରାଯାଇ ବିଭିନ୍ନ କଳକାରଖାନା ପ୍ରତିଷ୍ଠାକୁ ବିରୋଧ କରିଥିଲେ। ଫୋରମ ଫର ଗ୍ରାମସଭା କମିଟି ରାଜଗାଙ୍ଗପୁର, କୁତ୍ରା ଅଞ୍ଚଳର ବହୁ ସଂଖ୍ୟାରେ ଆଦିବାସୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲା।



ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

## ସଂକ୍ଷେପରେ

### ଟାଙ୍ଗିଆରେ ହାଣି ହତ୍ୟା ଘଟଣା: ଜେଲ ଗଲେ ୫ ଅଭିଯୁକ୍ତ



ଦେବଗଡ଼,୮।୧୦(ଡି.ଏନ.ଏ.):ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ବୁଧବାର ରାତିରେ ଦେବଗଡ଼ ଥାନା ଅନ୍ତର୍ଗତ ଗାଡପାଳ ଗ୍ରାମରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ଗୁରୁବାର ଗିରଫ କରିଥିବା ନରେନ୍ଦ୍ର ଶବର, ନରେନ୍ଦ୍ରଙ୍କ ସ୍ତ୍ରୀ ବାସନ୍ତୀ, ୩ ପୁଅ ସନ୍ତୋଷ, ସୁଦର୍ଶନ ଓ ଧରଣୀଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ମାତ୍ର ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଫେରାର ଥିବା ଧର୍ମୁ ଶବର (ନରେନ୍ଦ୍ରଙ୍କ ଆଉଜଣେ ପୁଅ)ଙ୍କୁ ଅବିଳମ୍ବେ ଗିରଫ କରାଯିବ ବୋଲି ଦେବଗଡ ଏସ୍.ପି. ରାଜକିଶୋର ପାଇକରାୟ ସୂଚନା ଦେଇଛନ୍ତି।

### ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ରାଜଗାଙ୍ଗପୁର,୮।୧୦ (ଡି.ଏନ.ଏ.)- ଡକାୟତି କରିବା ପାଇଁ ତୟାର ହେଉଥିବା ୪ କୁଖ୍ୟାତ ଅପରାଧିଙ୍କ ଯୋଜନା ପଣ୍ଡ କରି ରାଜଗାଙ୍ଗପୁର ପୋଲିସ ସେମାନଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି। ସୂଚନା ଅନୁଯାୟୀ ଗୁରୁବାର ରାତିରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ. ୧୦ ଜାମପାଲି ବାଇପାସ ନିକଟରେ ୪ ଡକାୟତ ରାଉରକେଲା ବିଶ୍ରା ଅଞ୍ଚଳର ଏମଡି ଜଲିଲ, ରାଜଗାଙ୍ଗପୁର ଅଞ୍ଚଳର ଅରବିନ୍ଦ ତିର୍କୀ, ଏମଡି ପରବେଜ ଓ ପୁରନ ସତନାମି ଏକତ୍ର ହୋଇ ଡକାୟତି ଯୋଜନା କରୁଥିବାବେଳେ ରାଜଗାଙ୍ଗପୁର ଥାନାଧିକାରୀ ବିଭସ୍ତ ପ୍ରଧାନ ବିଶେଷ ସୂତ୍ରରୁ ଖବର ପାଇ ସଦଳବଳ ଅତର୍କିତ ଚଢାଉ କରିଥିଲେ। ସେମାନଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲେ ଓ ସେମାନଙ୍କ ଠାରୁ ଏକ ଦେଶୀ ବନ୍ଧୁକ, ୨ଟି ଭୁଜାଲି, ଲୁହା ରଡ ଓ ଅନ୍ୟ ସାମଗ୍ରୀ ଜବତ କରିଥିଲେ। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଯୋଗ୍ୟ ଯେ, ଏହି ଡକାୟତମାନେ ବିଭିନ୍ନ ଡକାୟତି ଓ ଲୁଟ ଘଟଣାରେ ସଂଶ୍ଳିଷ୍ଟ ଅଛନ୍ତି।

### ସାପ କାମୁଡାରେ ଦୁଇ ମୃତ

କୁତ୍ରା, ୮।୧୦(ଡି.ଏନ.ଏ.)-ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ବିଷାକ୍ତ ସାପ କାମୁଡାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସନ୍ଧ୍ୟାରେ କରମାବାହାଲ ଗ୍ରାମର ତପସ୍ୱିନୀ ମାଝୀ(୧୮) ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଗୁଡିଆଲିସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ତାଙ୍କୁ ସାପ କାମୁଡ଼ିବା ପରେ ତାଙ୍କୁ ପ୍ରଥମେ ରାଜଗାଙ୍ଗପୁର ଡାକ୍ତରଖାନା ଏବଂ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପରିବାର ପକ୍ଷରୁ ପ୍ରକାଶ କରିଥିଲେ। ସେହିପରି କୁତ୍ରାର ଦାନପଡ଼ାର ସୁଶାନ୍ତ ଲୁଗୁନ(୨୫) ରାତିରେ ଶୋଇଥିବାବେଳେ ତାଙ୍କୁ ମଧ ଏକ ବିଷାକ୍ତ ସାପ କାମୁଡିଥିଲା। ତାଙ୍କୁ ଗୁଣିଆ ଦ୍ୱାରା ଚିକିତ୍ସା କରାଯାଉଥିଲା। ଶେଷରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି।

### ସ୍କୋର୍ପିଓ ଧକ୍କାରେ ଜଣେ ମୃତ, ୧ ଗୁରୁତର

**ରାଜଗାଙ୍ଗପୁର, ୮।୧୦ (ଡି.ଏନ.ଏ.)-** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଯାମପାଲି ବାୟପାସ ଜାତୀୟ ରାଜପଥ ନଂ. ୧୦ରେ ଶୁକ୍ରବାର ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଲୋମଲୋଇ ବାସିନ୍ଦା ସନ୍ତୋଷ ବୋଷ (୪୧) ଓ ଅନ୍ୟ ଜଣେ ବ୍ୟକ୍ତି ଆକାଶ ଛଛାଣ ମୋଟର ସାଇକେଲ ଓଆର ୧୬ଇ ୩୩୪୧ରେ ଯାଉଥିବା ବେଳେ ହଠାତ ଏକ ସ୍କୋର୍ପିଓ ଗାଡି ନଂ. ଓଆର -୦୨ ଏୟୁ ୦୨୧୧ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡିଥିଲେ। ସନ୍ତୋଷ ଛିଟିକି ହୋଇ ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡିଯାଇଥିଲେ। ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟ ଅଣାଯାଇଥିଲା। ସନ୍ତୋଷଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ରାଉରକେଲା ଆରଜିଏଚ ପଠାଯାଇଥିଲା କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆକାଶଙ୍କ ଅବସ୍ଥା ଗୁରୁତର ଲାଗିବାରୁ ତାଙ୍କୁ ମଧ ପରେ ରାଉରକେଲା ଆରଜିଏଚ ପଠାଯାଇଥିଲା।

# ବିଜୁ ଜନତା ଦଳ ପକ୍ଷରୁ ଖେଳାଳିଙ୍କୁ ହକି ଷ୍ଟିକ, ଖେଳ ପୋଷାକ ବିତରଣ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ହକି ଓ ଫୁଟବଲ ଖେଳାଳି।

**ଦେବଗଡ଼,୮।୧୦(ଡି.ଏନ୍.ଏ.)**

ଦେବଗଡ଼ ଜିଲା ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢେଳ, ବଳମ, କାଉଁଶିବାହାଲ, ରମ୍ଭେଇ ଓ ବସାଲଇ ଗ୍ରାମ ପଞ୍ଚାୟତର ହକି ଓ ଫୁଟବଲ ଖେଳାଳିଙ୍କୁ ଖେଳ ପୋଷାକ ଏବଂ ହକିଷ୍ଟିକ ବିତରଣ କରାଯାଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କଣ୍ଢେଳ ହାଇସ୍କୁଲ ପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଓ ବିଧାୟକ ତଥା ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ହକି ଖେଳାଳିମାନଙ୍କୁ ପୋଷାକ ଏବଂ ହକି ଷ୍ଟିକ ପ୍ରଦାନ କରିଥିଲେ। ସେହିପରି ଫୁଟବଲ ଖେଳାଳିମାନଙ୍କୁ ଖେଳ ପୋଷାକ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ.ସୁଜିତ କୁମାର ପ୍ରଧାନ ଓ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁଙ୍କ ସମେତ ବିଜେଡି ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶପଥ ନେଲେ ହାଇକୋର୍ଟର ୨ ନୂଆ ବିଚାରପତି


ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ୨ ବିଚାରପତିଙ୍କୁ ଶପଥ ପାଠ କରାଉଛନ୍ତି।

**କଟକ ଅଫିସ,୮।୧୦:**

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ୍ ଯଶୱନ୍ତ ସିଂହ ଓ ଜଷ୍ଟିସ୍ ଅରିନ୍ଦମ ସିହ୍ନା ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟର ନୂତନ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଯୋଗଦେଇ ଉଭୟ ବିଚାରପତିଙ୍କୁ ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି, ପୂର୍ବତନ ବିଚାରପତି ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଯଶୱନ୍ତ ଏବଂ କୋଲକାତା ହାଇକୋର୍ଟର ବିଚାରପତି ଅରିନ୍ଦମଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଥିଲା। ସେହିପରି ଓଡ଼ିଶା ହାଇକୋର୍ଟର ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟକୁ ବଦଳି ନେଇ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏବେ ୨ ନୂଆ ବିଚାରପତିଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି।

# ମହୁଲ ଶୁଖା ଖଣିର ଜନଶୁଣାଣି

**ଲହୁଣୀପଡ଼ା/ଟେନ୍‌ସା, ୮।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଭୁତୁଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ମେସର୍ସ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ଼ର ଜନ ଶୁଣାଣି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଏଡିଏମ ବିଶଜିତ ମହାପାତ୍ର, ରାଉରକେଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧକ୍ଷ ଡା,ପ୍ରକାଶ କୁମାର ମହାପାତ୍ର, ବଣେଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ଏସଡିପିଓ ସୌରଭ ଓତା, ଲହୁଣୀପଡ଼ା ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଲହୁଣୀପଡ଼ା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ଯୋଗ ଦେଇଥିଲେ। ସୂଚନା ଅନୁସାରେ ଲହୁଣୀପଡ଼ା ବ୍ଲକ ଭୁତୁଡା ପଞ୍ଚାୟତର ରନ୍ତା, ରଣ୍ଡା, ଓ ଭୁତୁଡା ଗ୍ରାମରେ ଅବସ୍ଥିତ ମହୁଲ ଶୁଖା ଲୌହ ଓ ମାଙ୍ଗାନିଜ ଖଣିରୁ ଉତ୍ପାଦନ ନିମନ୍ତେ ଏହି ଜନଶୁଣାଣି ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଆୟୋଜନ କରାଯାଇଥିଲା।ଏଥିରେ ଉକ୍ତ ତିନୋଟି ଗ୍ରାମର ଜନସାଧାରଣଙ୍କୁ ଡକାଯାଇଥିଲା। ଏହା ସହିତ ଅନ୍ୟ ଗ୍ରାମର ଲୋକମାନେ ମଧ ପହଞ୍ଚି ଥିଲେ। କିନ୍ତୁ କରୋନା କଟକଣା ଯୋଗୁଁ ଭିତରକୁ ପଶିବା ପାଇଁ ସେମାନଙ୍କୁ ବାରଣ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଉକ୍ତ ଜନ ଶୁଣାଣିରେ ପ୍ରାୟ ୫୦ ଜଣ ଲୋକଙ୍କର ମତାମତ ନିଆଯାଇଥିବା ବେଳେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଲହୁଣୀପଡ଼ା ବ୍ଲକର ଅନୁନ୍ନତ ପଞ୍ଚାୟତ ଭୁତୁଡା ପଞ୍ଚାୟତ। ଅନେକ ଗ୍ରାମବାସୀ ଏବେବି ସମ୍ପୂର୍ଣ୍ଣ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି। ଏଣୁ ମହୁଲ ଶୁଖା ଖଣିକୁ ସଂଲଗ୍ନ କରିଥିବା ଗ୍ରାମର ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି,ଗମନାଗମନ, ଶିକ୍ଷା ପ୍ରଭୃତି ଯୋଗାଇବାକୁ ଲୋକେ ଦାବି କରିଥିଲେ।

# କିସିଣ୍ଡା ରେଞ୍ଜ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ

**ନାକଟିଦେଉଳ,୮।୧୦(ଡ଼ି.ଏନ.ଏ.):**

ଖଳାଶୁଣୀ ଅଭୟାରଣ୍ୟ ବାମରା ବନଖଣ୍ଡ ଅନ୍ତର୍ଗତ କିସିଣ୍ଡା ରେଞ୍ଜ ପକ୍ଷରୁ ଗୁରୁବାର କିସିଣ୍ଡା ଉଚ୍ଚବିଦ୍ୟାଳୟ ପରିସରରେ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। କିସିଣ୍ଡା ରେଞ୍ଜ ଅଧିକାରୀ ରବିନ କିସ୍ପୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କିସିଣ୍ଡା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୩୦ଜଣ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ସପ୍ତାହର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଫରେଷ୍ଟର ଅନୁରାଧା ଖର୍ସେଲ ଧନ୍ୟବାଦ ଦେଇଥିଲେ। ଫରେଷ୍ଟଗାର୍ଡ଼ ପଦ୍ମଲୋଚନ ବଡ଼ଗୋଛିଆ, ଲିଲି ବିଶି, ସୁଜିତ ପଟେଲ, ଝରଣା ପ୍ରଧାନ ସହଯୋଗ କରିଥିଲେ।

# ଲିଗାଲ ରାଇଟ୍ସ କାଉନସିଲ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର

■ ରେଙ୍ଗାଲି ଓ ଗୋହିରା ଡ୍ୟାମ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ଦାବି

**ଦେବଗଡ଼,୮।୧୦(ଡି.ଏନ୍.ଏ.)**

ରେଙ୍ଗାଲି ବହୁମୁଖି ନଦୀବନ୍ଧ ଯୋଜନା ଓ ଗୋହିରା ମଧ୍ୟମ ଜଳସେଚନ ଯୋଜନାରେ ବିସ୍ଥାପିତ ପରିବାର ଗୁଡିକର ସମସ୍ୟାର ସମାଧାନ ନିମନ୍ତେ ଲିଗାଲ ରାଇଟ୍ସ କାଉନସିଲ, ଇଣ୍ଡିଆର ଓଡିଶା ଶାଖା ପକ୍ଷରୁ କେନ୍ଦ୍ର ଆଦିବାସୀ ଉନ୍ନୟନ ଏବଂ ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୁରୁବାର ରାତିରେ ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଦେବଗଡ଼ ଜିଲା ଗସ୍ତ ଅବସରରେ କାଉନସିଲର ରାଜ୍ୟ ଶାଖା ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀ ଓ ସଦସ୍ୟାସଦସ୍ୟମାନେ ବାରକୋଟ ଡାକବଙ୍ଗଳାଠାରେ ତାଙ୍କୁ ସାକ୍ଷାତ କରି ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ । ରେଙ୍ଗାଳୀ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ଦେବଗଡ ଜିଲାର ବାସ୍ତୁହରାମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ଓ ଉଭୟ ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରି ଦେବଗଡ ଜିଲାର ଚାଷଜମିଗୁଡିକୁ ଜଳସେଚନର ସୁବିଧା କରିବା ପାଇଁ ଉପରୋକ୍ତ ସ୍ମାରକପତ୍ର ମାଧ୍ୟମରେ ଦାବି କରାଯାଇଥିବା ଜଣାପଡିଛି। ଉକ୍ତ ସ୍ମାରକପତ୍ର ପ୍ରଦାନ ସମୟରେ ମନ୍ତ୍ରୀ ଟୁଡୁଙ୍କ ସହ ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବ, ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପଣିଗ୍ରାହୀ, ରେଙ୍ଗାଳୀ ବିଧାୟକ ନାଉରୀ ନାୟକ ଓ କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାୟକ ଉପସ୍ଥିତ ଥିଲେ।


ଲିଗାଲ ରାଇଟ୍ସ କାଉନସିଲ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଲଇମୁରାକୁ ପରାସ୍ତ କରି ସୁରୁପା ଚାମ୍ପିୟନ

## ୨ ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ


ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

**ଦେବଗଡ଼,୮।୧୦(ଡି.ଏନ୍.ଏ.)**

ତିଲେଇବଣି ବ୍ଲକ ଲଇମୁରା ଗ୍ରାମ ପଞ୍ଚାୟତ ସୁରୁପା ଗ୍ରାମରେ ମା' ବରିଆଣୀ କ୍ଲବ ଆନୁକୂଲ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୨ଦିନିଆ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଲଇମୁରାର ଏବିଏସ୍ ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରି ସୁରୁପାର ଏସ୍‌ବିପିଟି ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ସମ୍ମାନିତ ଅତିଥି ଭାବେ ତିଲେଇବଣୀ ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ, ଜିଲା ପରିଷଦ ସଦସ୍ୟା ବୃନ୍ଦାବତୀ ଭୋଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ ପଟେଲ, ସମ୍ବଲପୁର ଲୋକସଭା ସଦସ୍ୟଙ୍କ ଦେବଗଡ ଜିଲା ପ୍ରତିନିଧି (ନୋମିନୀ)ଯୋଗେଶ ଚନ୍ଦ୍ର ପ୍ରଧାନ, ଲଇମୁରା ସରପଞ୍ଚ ଭୀମସେନ କିଷାନ, ଫରେଷ୍ଟର ଛବିଳ ବେହେରା ଓ ଜିଲା ଭାଜପା ସାଧାରଣ ସମ୍ପାଦକ ଧରଣୀଧର ସାହୁ ଯୋଗଦେଇ ଚାମ୍ପିୟନ ସୁରୁପାର ଏସ୍‌ବିପିଟି ଫୁଟବଲ ଦଳକୁ ଟ୍ରଫି ସହ ନଗଦ ୨୦ହଜାର ୨୦ ଟଙ୍କା ଓ ରନର୍ସ ଅପ୍ ଲଇମୁରାର ଏବିଏସ୍ ଫୁଟବଲ ଦଳକୁ ଟ୍ରଫିସହ ୧୫ ହଜାର ୧୫ ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଆୟୋଜକ ମା' ବରିଆଣୀ କ୍ଲବର ସମସ୍ତ ସଦସ୍ୟ ଏବଂ ସୁରୁପା ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।

### ରେଲୱେ ପକ୍ଷରୁ ସୂଚନା: ଯୁଯୁମୁରାରେ ହେବ ଫ୍ଲାଏଓଭର

**ସମ୍ବଲପୁର,୮।୧୦(ବ୍ୟୁରୋ):**

ସମ୍ବଲପୁର-ତାଳଚେର କ୍ରସିଂ ନଂ.ଏସଟି-୨୪ ଯୁଯୁମୁରାଠାରେ ଫ୍ଲାଏଓଭର ଖୁବ୍‌ଶୀଘ୍ର ନିର୍ମାଣ ହେବ। ଏ ନେଇ ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ବଲପୁର ମଣ୍ଡଳ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଚିଠି କରାଯାଇଛି। ସୂଚନାଯୋଗ୍ୟ ସେପ୍ଟେମ୍ବର ୨୪ରେ ଜୟନ୍ତ ପ୍ରଧାନ, ଗଡଲୁଇସିଂ ସରପଞ୍ଚ ଅଶ୍ୱିନୀ କୁମୁରା, ଓମ ପ୍ରକାଶ ବିଶ୍ୱାଳ, ଗୋଲକ ବିହାରୀ ପ୍ରଧାନ, ଶ୍ୟାମ ସୁନ୍ଦର ଧରୁଆ, କୁନା ପ୍ରଧାନ ଏଡିଆର୍‌ଏମ୍‌ଙ୍କୁ ଭେଟି ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ରେଳରୋକୋ କରିବାକୁ ଚେତାବନୀ ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ, ୫୫ନଂ. ଜାତୀୟ ରାଜପଥଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ରାସ୍ତାରେ ରେଳଫାଟକ ରହିଛି। ଏଠାରେ ଫ୍ଲାଏଓଭର ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ୨୦୧୭ରେ ରେଳ ରୋକୋ କରିବାକୁ ଯୋଜନା କରାଯାଇଥିଲା। ଏହି ରାସ୍ତାରେ ବ୍ଲକ ଅଫିସ, ଯୁଯୁମୁରା ମେଡିକାଲ, କଲେଜ, ଆଦର୍ଶ ସ୍କୁଲ, ଘରୋଇ ଓ ସରକାରୀ ବ୍ୟାଙ୍କ ରହିଛି । ଯୁଯୁମୁରା ବ୍ଲକ ସହିତ ମାନେଶ୍ୱର ବ୍ଲକର ୪ ପଞ୍ଚାୟତ, ରେଢାଖୋଲ ବ୍ଲକର ୬ ପଞ୍ଚାୟତର ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଟ୍ରେନ ଯିବା ସମୟରେ ଆମ୍ବୁଲାନ୍ସ ଅଟକି ରହିଥିବା ନଜିର ରହିଛି। ଏବେ ଏହି ରେଳପଥ ୨ ଥାକିଆ କାମ ନିର୍ମାଣାଧୀନ ରହିଛି। ଯଦି ୨ ଥାକିଆ ରେଳପଥ ଚାଲୁ ହୋଇଯାଏ ଲୋକଙ୍କ ସମସ୍ୟା ଆହୁରି ବଢିଯିବ ବୋଲି ଅଭିଯୋଗ କରିଥିଲେ।

### ଜାତୀୟ ସେବା ଯୋଜନା ଶିବିର

ନାକଟିଦେଉଳ,୮।୧୦(ଡ଼ି.ଏନ.ଏ.): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଉଭୟ ବାଳକ ଓ ବାଳିକା ବିଭାଗ ପକ୍ଷରୁ ଶରତ କାଳୀନ ଏନ୍‌ଏସ୍‌ଏସ୍ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପୃଥକ୍ ଭାବେ ଆୟୋଜିତ ଶିବିରକୁ ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ବିଶ୍ୱମୋହନ ଜେନା ଉଦ୍‌ଘାଟନ କରିଥିଲେ। ସରାପାଲି ପଞ୍ଚାୟତର ଚନ୍ଦ୍ରପୁର ଗ୍ରାମରେ ବାଳିକା ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସୁଧିର କୁମାର ସାହୁ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ବିଶି ମୁଖ୍ୟବକ୍ତା ଓ ଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ପ୍ରଧାନ, ସହକାରୀ ଶିକ୍ଷକ ରାଜକିଶୋର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୨୫ଜଣ ସ୍ୱେଚ୍ଛାସେବୀ ଛାତ୍ରୀ ଯୋଗଦେଇଥିଲେ। ସେହିପରି ବାଳକ ବିଭାଗ ପକ୍ଷରୁ ସାହେବୀ ଗ୍ରାମରେ ଆୟୋଜିତ ଶିବିରରେ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସାହୁ ସଭାପତିତ୍ୱ କରିଥିଲେ। ସାହେବୀ ସରପଞ୍ଚ ଯଶୋବନ୍ତୀ ମାଝି, ଅବସରପ୍ରାପ୍ତ ସୈନିକ ଗୋବର୍ଦ୍ଧନ ସାହୁ, ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ୧୪ତାରିଖରେ ଶିବିର ଉଦ୍‌ଯାପିତ ହେବ।

### ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଡ଼ିଜିଟାଲ ପ୍ରଶିକ୍ଷଣ ଶିବିର

ସୁନ୍ଦରଗଡ଼,୮।୧୦(ଡି.ଏନ.ଏ.)- ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ଡିଜିଟାଲ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝିଙ୍କ ଅଧକ୍ଷତାରେ ଏବଂ ଜିଲା ଡିଜିଟାଲ ସମ୍ପାଦକ ରୋଶନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ବିଜୁ ଯୁବ ଜନତା ଦଳ ସୂଚନା ଓ ପ୍ରଯୁକ୍ତି(ଆଇଟି ମୁଖ୍ୟ)ବିଭାଗ ମୁଖ୍ୟ ସୁବ୍ରତ ଛାଟୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିରୋଧୀ ଦଳ ବିଜେଡ଼ି ବିରୁଦ୍ଧରେ ଅନେକ ଅପପ୍ରଚାର କରୁଥିବାବେଳେ ସୋସିଆଲ ମିଡ଼ିଆ ଜରିଆରେ ଏହାର ଉଚିତ ଜବାବ ଦେବାକୁ ଉପସ୍ଥିତ ବ୍ଲକ ସଭାପତି ଏବଂ ଡିଜିଟାଲ ସମ୍ପାଦକମାନଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ ଏବଂ ରାଜ୍ୟ ବିଜୁ ଛାତ୍ର ଜନତା ଦଳ ଆଇଟି ମୁଖ୍ୟ ସୁଜିତ ପାଳଟାସିଂ ଯୋଗଦେଇ ଯୁବଛାତ୍ରମାନେ ସକ୍ରିୟ ଭାବେ ସୋସିଆଲ ମିଡ଼ିଆକୁ ଏକ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରି ବିରୋଧୀଙ୍କୁ କଡ଼ା ଜବାବ ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୀର୍ଷସ୍ଥାନରେ ପହଞ୍ଚାଇପାରିବେ ବୋଲି କହିଥିଲେ ।

**ବାଲାନ୍ସ ଆଡଭାଣ୍ଟେଜ ଫଣ୍ଡରେ ଆକ୍ସିସ୍‌ର ପ୍ରବେଶ**

ଆକ୍ସିସ ମ୍ୟୁଚୁଆଲ ଫଣ୍ଡ ବାଲାନ୍ସ ଆଡଭାଣ୍ଟେଜ ଫଣ୍ଡ୍ କ୍ଷେତ୍ରରେ ପ୍ରବେଶ କରିଛି। କମ୍ପାନୀ ଏହାର ପୁରୁଣା ଫଣ୍ଡ୍ ଆକ୍ସିସ ଡାଇନାମିକ ଇକ୍ୱିଟି ଫଣ୍ଡ୍‌ର ନାମ ପରିବର୍ତ୍ତନ କରି ନୂଆ ଆରମ୍ଭ କରିଛି। ଏହା ଏକ ଓପନ ଏଣ୍ଡେଡ୍ ଡାଇନାମିକ ସମ୍ପତ୍ତି ଆବଣ୍ଟନକାରୀ ଫଣ୍ଡ୍ ଯାହା ଇକ୍ୱିଟି ଏବଂ ଫିକ୍ସଡ ଆୟକୁ ପରିଚାଳିତ କରୁଛି। ବଜାରର ସ୍ଥିତି ଅନୁସାରେ ଇକ୍ୱିଟିରେ ହୋଇଥିବା ନିବେଶକୁ ଏହା ପରିଚାଳନା କରୁଛି। ବଜାର ଅସ୍ଥିରତା ମୁକାବିଲା ଏବଂ ଦୀର୍ଘ ମିଆଦି ଭିତ୍ତିରେ ସମ୍ପତ୍ତି ସୃଷ୍ଟି କ୍ଷେତ୍ରରେ ଏହା କାର୍ଯ୍ୟ କରୁଥିବା କମ୍ପାନୀ କହିଛି।

## ସଂକ୍ଷେପରେ

### ସିଇଏ ପଦ ଛାଡ଼ିବେ କେ.ଭି.ସୁବ୍ରମଣ୍ୟନ

**ନୂଆଦିଲ୍ଲୀ, ୮।୧୦:** ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭାବେ କାର୍ଯ୍ୟରତ କେ.ଭି ସୁବ୍ରମଣ୍ୟନ ତାଙ୍କ ପଦ ଛାଡିବେ। ତାଙ୍କର ୩ ବର୍ଷ କାର୍ଯ୍ୟକାଳ ଶେଷ ହେଉଥିବାରୁ ସେ ପଦ ଛାଡି ପୁଣି ଥରେ ଏକାଡେମିକ ଫିଲ୍ଡକୁ ଫେରିବେ ବୋଲି ଶୁକ୍ରବାର କହିଛନ୍ତି। ଏକ ଟୁଇଟ କରି ସେ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଦେଶ ସେବା କରିବାର ସୁଯୋଗ ମିଳିଥିବାରୁ ଅତ୍ୟନ୍ତ ଖୁସି। କାର୍ଯ୍ୟକାଳ ସମୟରେ ସମସ୍ତଙ୍କ ସହଯୋଗ ଏବଂ ଶୁଭକାମନା ପାଇଁ ଧନ୍ୟବାଦ ମଧ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ ଟୁଇଟ କରି ଆଗାମୀ ଦିନ କାର୍ଯ୍ୟପନ୍ଥା ଲାଗି ସୁବ୍ରମଣ୍ୟନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଯୋଗଦାନକୁ ପ୍ରଶଂସା କରିଛନ୍ତି।

### ଏଏସ୍‌ବିଏମ୍‌ର ଶୁଭ ବିଦ୍ୟାରମ୍ଭ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୮।୧୦:** ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୧-୨୨ ଶିକ୍ଷାବର୍ଷ ଲାଗି ବିଭିନ୍ନ ପାଠ୍ୟକ୍ରମର ଶୁଭ ବିଦ୍ୟାରମ୍ଭ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେଲଏଟ ଇଣ୍ଡିଆର ଅଂଶୀଦାର ଏସ୍.ଭି.ନାଥନ ଯୋଗ ଦେଇଥିଲେ। କୁଳାଧକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ୟୁନିଭର୍ସିଟି ଅଫ୍ ନଟିଂହାମର କଳା ଏବଂ ସମାଜ ବିଜ୍ଞାନ ଡିନ୍ ପ୍ରଫେସର ଜାସନ ପାଣ୍ଡିଆ ଉର୍ଡ, ପ୍ରଫେସର ଆଲ୍‌ବି ଆନନ୍ଦ କୁରିଆନ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱଜିତ ପଟ୍ଟନାୟକ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦିତ କରିବା ସହ ଛାତ୍ର ଜୀବନରେ ବିନମ୍ରତା, ସକାରାତ୍ମକ ମନୋଭାବ ଓ କର୍ମ ଉଦ୍ଦିପନାର ଆବଶ୍ୟକତାକୁ ଅତି ପ୍ରାଞ୍ଜଳଭାବେ ବୁଝାଇ ଦେଇଥିଲେ । କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାୟ ସ୍ୱାଗତ ସମ୍ଭାଷଣ କରିଥିବାବେଳେ ସହ-କୁଳପତି ପ୍ରଫେସର ଫାଲଗୁ ନିରଞ୍ଜନା, ସହାୟକ ଡ଼ିନ୍ ଏକାଡେମିକ୍ ପ୍ରଫେସର ସରୋଜ କୁମାର ବିଶେ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ରେପୋ ରେଟ୍ ଅପରିବର୍ତ୍ତିତ


ଶକ୍ତିକାନ୍ତ ଦାସ

- ୪% ସ୍ତରରେ ରେପୋ
- ଆଇଏମ୍‌ପିଏସ୍ ନେଣଦେଣ ସୀମା ୫ ଲକ୍ଷକୁ ବୃଦ୍ଧି
- ଅଫ୍‌ଲାଇନ ହେବ ଡିଜିଟାଲ ରିଟେଲ ପେମେଣ୍ଟ
- ଏନ୍‌ବିଏଫ୍‌ସି ଲାଗି ଅନ୍ତରୀଣ ଅମ୍ବୁଡ୍‌ସମ୍ୟାନ ସ୍କିମ୍

**ମୁମ୍ବାଇ,୮।୧୦**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି(ଏମ୍‌ପିସି) ରେପୋ ରେଟ୍(କେନ୍ଦ୍ରୀୟ ବ୍ୟାଙ୍କ ବ୍ୟାଙ୍କଗୁଡ଼ିକୁ ଯେଉଁ ହାରରେ ଋଣ ଦିଏ)କୁ ଶୁକ୍ରବାର ୪% ସ୍ତରରେ ଅପରିବର୍ତ୍ତିତ ରଖିଛି। ଲଗାତର ୮ଥର ଲାଗି ରେପୋରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ଗଠିତ ୬ ସଦସ୍ୟ ବିଶିଷ୍ଟ ଏମ୍‌ପିସି ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। ରିଭର୍ସ ରେପୋ (କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡିକ ଠାରୁ ଯେଉଁ ହାରରେ ଋଣ ନିଏ) ମଧ ୩.୩୫% ସ୍ତରରେ ଅପରିବର୍ତ୍ତିତ ରହିଛି। ଏମ୍‌ପିସିର ୫ ଜଣ ସଦସ୍ୟ ରେପୋ ଅପରିବର୍ତ୍ତିତ ରଖିବା ନେଇ ଭୋଟ ଦେଇଥିଲେ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ଏବଂ ବଜାରର ଅଭିବୃଦ୍ଧିକୁ ସହାୟତା କରିବା ଲାଗି ଆର୍‌ବିଆଇ ଦୀର୍ଘ ମିଆଦୀ ଭିତ୍ତିରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି।

୨୦୨୦-୨୧ ଆର୍ଥିକ ବର୍ଷରେ ରିୟଲ ଜିଡିପି ଅଭିବୃଦ୍ଧି ଲକ୍ଷ୍ୟକୁ ଏହା ୯.୫% ରଖିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଅଭିବୃଦ୍ଧି ୭.୯%, ତୃତୀୟ ତ୍ରୈମାସରେ ୬.୮% ଏବଂ ଚତୁର୍ଥ ତ୍ରୈମାସରେ ୬.୧% ରହିବ ବୋଲି ଆକଳନ କରାଯାଇଛି। ଆର୍ଥିକ ବର୍ଷ ୨୦୨୨-୨୩ ପ୍ରଥମ ତ୍ରୈମାସରେ ଦେଶର ରିୟଲ ଜିଡିପି ଅଭିବୃଦ୍ଧି ୧୭.୨% ସ୍ତର ଛୁଇଁବ। ୨୦୨୨-୨୩ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଖୁଚୁରା ମୁଦ୍ରାସ୍ଫୀତି ୫.୨% ରହିବା ନେଇ ଆକଳନ ହୋଇଛି। ବଜାରର ଅଭିବୃଦ୍ଧି ଦିଗରେ ବିଭିନ୍ନ କାରକ ଦୃଢ଼ ହେଉଥିବା ବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସୁଛି। ଆଗାମୀ ଦିନରେ ଖାଦ୍ୟ ଶସ୍ୟ ଉତ୍ପାଦନ ରେକର୍ଡ ଛୁଇଁବାକୁ ଥିବାରୁ ଖାଦ୍ୟ ମୁଦ୍ରାସ୍ଫୀତି କମିବ ବୋଲି ଶକ୍ତିକାନ୍ତ ଆଶାବାଦୀ ରହିଛନ୍ତି।

ଆର୍‌ବିଆଇ ଆଇଏମ୍‌ପିଏସ୍‌ର ନେଣଦେଣ ସୀମାକୁ ୨ରୁ ୫ ଲକ୍ଷକୁ ବଢ଼ାଇଛି। ବର୍ତ୍ତମାନ ଆର୍‌ଟିଜିଏସ୍ ସେବା ନିରନ୍ତର ହୋଇଛି। ଆଇଏମ୍‌ପିଏସ୍‌ର ସେଟେଲ୍‌ମେଣ୍ଟ ଏବଂ କ୍ରେଡିଟ ରିସ୍କ ହ୍ରାସ ହେଉଥିବାରୁ ଡିଜିଟାଲ ପେମେଣ୍ଟ ବୃଦ୍ଧି ଦିଗରେ ଏହା ସହାୟକ ହେବ ବୋଲି ଆର୍‌ବିଆଇ କହିଛି। ସାରା ଦେଶରେ ଅଫ୍‌ଲାଇନ ମୋଡ୍‌ରେ ରିଟେଲ ଡିଜିଟାଲ ପେମେଣ୍ଟ କାର୍ଯ୍ୟକାରୀ କରାଇବା ଲାଗି ବ୍ୟବସ୍ଥା ଆଣିବାକୁ ପ୍ରସ୍ତାବ ରହିଛି। ଇଣ୍ଟରନେଟ ସଂଯୋଗ ଧୀମା କିମ୍ବା ନ ଥିଲେ ସେଭଳି ସ୍ଥାନଗୁଡ଼ିକରେ ରିଟେଲ ଡିଜିଟାଲ ପେମେଣ୍ଟ କାର୍ଯ୍ୟକାରୀ କରାଇବା ଦିଗରେ ଏକ ଅଭିନବ ଟେକ୍ନୋଲୋଜି ଉପରେ ଆର୍‌ବିଆଇ ବର୍ତ୍ତମାନ ପରୀକ୍ଷଣ କରାଉଥିବା ଜଣାପଡ଼ିଛି। ଅଣ ବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡ଼ିକ ଲାଗି ଅନ୍ତରୀଣ ଅମ୍ବୁଡସମ୍ୟାନ ସ୍କିମ୍(ଆଇଓଏସ୍) କାର୍ଯ୍ୟକାରୀ କରାଇବା ଲାଗି ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଏନ୍‌ବିଏଫ୍‌ସିଗୁଡିକର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ବ୍ୟବସ୍ଥା ଦୃଢ଼ୀକରଣ ହେବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ଆଶାବାଦୀ ରହିଛି। ଯେଉଁ ଏନ୍‌ବିଏଫ୍‌ସି ଅଧିକ ସଂଖ୍ୟକ ଗ୍ରାହକଙ୍କ ସହ କାରବାର କରୁଛନ୍ତି ଉକ୍ତ କ୍ଷେତ୍ରରେ ନୂଆ ବ୍ୟବସ୍ଥା ଆସିବ। ସ୍ୱତନ୍ତ୍ର ଦୀର୍ଘ ମିଆଦୀ ରେପୋ ଅପରେଶନ(ଏସ୍‌ଏଲ୍‌ଟିଆର୍‌ଓ) କ୍ଷେତ୍ରରେ ସ୍ମଲ ଫାଇନାନ୍ସ ବ୍ୟାଙ୍କଗୁଡ଼ିକ ଚଳିତ ବର୍ଷ ଡିସେମ୍ବର ଶେଷ ଯାଏ ଭାଗ ନେଇପାରିବେ। ଏଥିରେ ଆଗାମୀ ୩ ବର୍ଷ ଲାଗି ୧୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ଉତ୍କଳ ଅଟୋମୋବାଇଲ୍ସରେ ଏକ୍ସୟୁଭି ୭୦୦ ଶୁଭାରମ୍ଭ




**ଭୁବନେଶ୍ୱର, ୮।୧୦**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀର ନୂଆ ଏକ୍ସୟୁଭି ୭୦୦ ମଡେଲ ସ୍ଥାନୀୟ ଉତ୍କଳ ଅଟୋମୋବାଇଲ୍ସ ଶୋ'ରୁମ୍‌ରେ ଶୁଭାରମ୍ଭ ହୋଇଛି। ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ସୌନକ ପାରିଖ, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ କମ୍ପାନୀର ଅଧିକାରୀ ଉପସ୍ଥିତ ରହି ଯାନଟିକୁ ବଜାର ପ୍ରବେଶ କରାଯାଇଥିଲେ। ଏହି ଯାନଟି ବର୍ତ୍ତମାନ ସୁଦ୍ଧା ବୁକିଂରେ ରେକର୍ଡ କରିଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଉଭୟ ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ ବିକଳ୍ପ ସହ ଏହା ଆସୁଛି। ଯାନଟିର ବଜାର ଦର ୧୨.୪୯ ଲକ୍ଷ ଟଙ୍କାରୁ ୨୨.୯୯ ଲକ୍ଷ ଟଙ୍କା ରହିଛି। ନିକଟସ୍ଥ ଡିଲରଶିପ ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମରେ ଏହା ବୁକିଂ କରାଯାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

## ଲ ମ୍ୟାନପିଜିଓ ଆଣ୍ଡ ଇଣ୍ଟିଗ୍ରିଟିର ନୂଆ ଷ୍ଟୋର




**କଟକ ଅଫିସ, ୮।୧୦**

କେଓ୍ୱାଲ କିରନ କ୍ଲୋଥିଙ୍ଗ ଲିମିଟେଡ୍‌ର ଲୋକପ୍ରିୟ ବ୍ରାଣ୍ଡ ଲ ମ୍ୟାନପିଜିଓ ଆଣ୍ଡ ଇଣ୍ଟିଗ୍ରିଟିର ନୂଆ ଷ୍ଟୋର ସେକ୍ଟର୯, ଅଭିନବ ବିଡ଼ାନାସୀ, ମର୍କତନଗରରେ ଖୋଲିଛି। କମ୍ପାନୀର ବ୍ରାଣ୍ଡ ହେଡ୍ ହିମାଂଶୁ ପଣ୍ଡା, ତାପେଶ ଚତୁର୍ବେଦୀ, ପ୍ରକାଶ ମହାନ୍ତି, ପୁରୁଷୋତ୍ତମ ଅଗ୍ରୱାଲ, ଅଶୋକ ଅଗ୍ରୱାଲ ଏବଂ ଅଭିନାଶ ଛାପୋଲିଆ ପ୍ରମୁଖ ଉପସ୍ଥିତ ରହି ଏହାକୁ ଶୁଭାରମ୍ଭ କରିଥିଲେ। ନୂଆ ଷ୍ଟୋର ଦ୍ୱାରା ଓଡ଼ିଶାରେ କମ୍ପାନୀ ଏହାର ଉପସ୍ଥିତି ଦୃଢ଼ କରିବାକୁ ଯୋଜନା ରଖିଛି। ଯୁବପିଢ଼ିଙ୍କ କାଜୁଆଲୱେର ଚାହିଦାକୁ ନଜରରେ ରଖି କମ୍ପାନୀ ଏହାର ପ୍ରଡକ୍ଟ ପ୍ରସ୍ତୁତ କରୁଛି। କମ୍ପାନୀ ଡେନିମ ଉପରେ ମଧ ଫୋକସ ରଖିଛି। ସାର୍ଟ, ଜ୍ୟାକେଟ, ଡେନିମ ଏବଂ କଟନ ଟ୍ରାଉଜର ଭଳି ବିଭିନ୍ନ ପ୍ରଡକ୍ଟ ଗ୍ରାହକ ଲାଭ କରିପାରିବେ। ସେହିଭଳି ଇଣ୍ଟିଗ୍ରିଟି ଗ୍ରାହକଙ୍କ ଚାହିଦାକୁ ସବୁବେଳେ ନଜରରେ ରଖିଛି। କେଓ୍ୱାଲ କିରନର ପେପି ଏବଂ ସ୍କ୍ରିଙ୍ଗି ବ୍ରାଣ୍ଡ ୨୦୦୨ରେ ବଜାର ପ୍ରବେଶ କରିଥିଲା। ୧୯୯୨ରେ କେଓ୍ୱାଲ କିରନ ସ୍ଥାପନ ହେବା ସହ ନିରନ୍ତର ସେବା ଯୋଗାଇ ଦେଉଛି। କିଲର, ଇଣ୍ଟେଗ୍ରିଟି, ଲମ୍ୟାନ ପିଜିଓ, ଇଜିଜ ଏବଂ ଦେଶୀ ବେଲି ଭଳି ବ୍ରାଣ୍ଡଗୁଡିକ ଏହା ମଧରେ ଆସୁଛନ୍ତି। ଦେଶର ୨୫ ରାଜ୍ୟ ଏବଂ ୨୦୯ ସହରରେ କମ୍ପାନୀ ଏହାର ସେବା ଯୋଗାଣ କରୁଛି। ୩୨୦ରୁ ଉର୍ଦ୍ଧ୍ୱ ଷ୍ଟୋର ଦ୍ୱାରା ଏହା ଉପସ୍ଥିତି ଜାହିର କରିଛି।

## ସାମନ୍ତରାପୁରରେ ଗୁପ୍ତାର ୨୫ତମ ଷ୍ଟୋର

**ଭୁବନେଶ୍ୱର,୮।୧୦**



ଚଳିତ ବର୍ଷର ପାର୍ବଣ ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଶୁକ୍ରବାର ଆଉ ଏକ ମେଗା ଫ୍ଲାଗସିପ୍ ଷ୍ଟୋର ସ୍ଥାନୀୟ ସାମନ୍ତରାପୁର ଛକ ଠାରେ ଶୁଭାରମ୍ଭ ହୋଇଯାଇଛି। ୧୪ହଜାର ବର୍ଗଫୁଟ ପରିସରରେ ନବନିର୍ମିତ ଏହି ଷ୍ଟୋରକୁ କମ୍ପାନୀର ସତ୍ତ୍ୱାଧିକାରୀ ରାଜେଶ କୁମାର ଗୁପ୍ତା ଏବଂ ତାଙ୍କ ଧର୍ମପତ୍ନୀ ଉଦଘାଟନ କରିଥିଲେ। ସାରା ରାଜ୍ୟରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏହା ହେଉଛି ୨୫ତମ ଷ୍ଟୋର।

ବିଗତ ୫୦ବର୍ଷ ଧରି କଞ୍ଜୁମର ଇଲେକ୍ଟ୍ରୋନିକ୍ସ ବିକ୍ରୟ କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିବା ସହ ସମଗ୍ର ପୂର୍ବଭାରତରେ ଏକ ପରିଚିତ ସଂସ୍ଥା ଭାବେ ବେଶ ସଫଳତା ଅର୍ଜନ କରିଛି। ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ପ୍ରଡ଼କ୍ଟ, ବିକ୍ରୟ କ୍ଷେତ୍ରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସମସ୍ତ ଶୋ'ରୁମାନଙ୍କରେ କଞ୍ଜୁମର ଇଲେକ୍ଟ୍ରୋନିକ୍ସ, ହୋମ୍ ଆପ୍ଲିଆଏନ୍ସ, ଡ଼ିଜିଟାଲ ପ୍ରଡ଼କ୍ଟ, ଆଇଟି ପ୍ରଡ଼କ୍ଟ , ମୋବାଇଲ୍ , ଏୟାର କୁଲର , ହୋମ ଫର୍ଣ୍ଣିଚର ଆଦିର ସ୍ୱତନ୍ତ୍ର ଏବଂ ଅତ୍ୟାଧୁନିକ ଡ଼ିସପ୍ଲେ କରାଯାଇଛି। ରାଜ୍ୟର ଏକ ନମ୍ବର ଏସି ବିକ୍ରେତା ଭାବେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଅନେକ ସମ୍ମାନର ସମ୍ମାନିତ ହୋଇଛି। ସେହିଭଳି ଏଠାରେ ବିଭିନ୍ନ ନାମିଦାମି କମ୍ପାନୀମାନଙ୍କର ଏୟାର କଣ୍ଡିସନରଗୁଡିକରେ ଆକର୍ଷଣୀୟ ରିହାତି ଓ କମ୍ ମୂଲ୍ୟ ସାଙ୍ଗକୁ ସହଜ କିସ୍ତିର ଆକର୍ଷଣୀୟ ଅଫର୍ ପ୍ରଦାନ କରୁଛି। ଏଠାରେ ଗ୍ରାହକ ବିଭିନ୍ନ ଆନ୍ତର୍ଜାତୀୟ ସ୍ତରର ହୋମ୍ ଆପ୍ଲାଏନ୍ସ, ଏଲଇଡ଼ି ଟିଭି, ଏୟାରକଣ୍ଡିସନର, କିଚେନ୍ ଆପ୍ଲାଏନ୍ସ, ଲାପଟପ୍ ଏବଂ ମୋବାଇଲ୍ ଇତ୍ୟାଦି ଗୋଟିଏ ଛାତ ତଳେ କିଣିବାର ସୁଯୋଗ ପାଇବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## ତ୍ୱରିତ ଡେଲିଭରିକୁ ଇ-କମର୍ସ କମ୍ପାନୀଙ୍କୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୮।୧୦**

ପାର୍ବଣ ଋତୁରେ ଗ୍ରାହକମାନଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରିବା ଲାଗି ଦେଶର ପ୍ରମୁଖ ଇ-କମର୍ସ କମ୍ପାନି ଆମାଜନ୍ ଓ ଫ୍ଲିପ୍‌କାର୍ଟ ପ୍ରୟାସ ଜାରି ରଖିଛନ୍ତି। ଗ୍ରାହକଙ୍କ ନିକଟରେ ଶୀଘ୍ର ଉତ୍ପାଦ ପହଞ୍ଚାଇବା ଲାଗି ଆମାଜନ୍ ଇଣ୍ଡିଆ ଏହାର ଫୁଲ୍‌ଫିଲ୍‌ମେଣ୍ଟ ସେଣ୍ଟର ଓ ଡେଲିଭରି ନେଟ୍‌ୱର୍କକୁ ସଶକ୍ତ କରିଛି। ସେହିପରି, ଫ୍ଲିପ୍‌କାର୍ଟ ପକ୍ଷରୁ ପାର୍ବଣକୁ ନଜରରେ ରଖି ସ୍ଥାୟୀ ମୂଲ୍ୟ ଶୃଙ୍ଖଳାର ବିସ୍ତାର କରାଯାଇଛି। ପାର୍ବଣ ଋତୁ ଉପଲକ୍ଷେ ଆମାଜନ ଇଣ୍ଡିଆ ପକ୍ଷରୁ ଦେଶରେ ଗ୍ରାହକମାନଙ୍କ ପାଇଁ ତ୍ରୁଟି ମୁକ୍ତ, ଦ୍ରୁତ ଏବଂ ସୁବିଧାଜନକ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ପାଇଁ ଏହାର ଅପରେସନ ନେଟୱର୍କରେ ନିବେଶ ଏବଂ ସ୍ୱତନ୍ତ୍ର ଭାବେ ସମ୍ପ୍ରସାରଣ କରାଯାଇଛି ବୋଲି ଆମାଜନ୍ ଇଣ୍ଡିଆର ଉପସଭାପତି ଅଖିଲ ସକ୍‌ସେନା କହିଛନ୍ତି।

**ଫୁରସତ୍**

## ଅନ୍‌ଲାଇନ ଡାକ କାରବାର ଉପରେ ବଢୁଛି ବିଶ୍ୱାସ

୧୮୭୪ ଅକ୍ଟୋବର ୯ରେ ୨୨ଟି ଦେଶ ସୁଇଜରଲାଣ୍ଡର ରାଜଧାନୀ ବର୍ନରେ ୟୁନିଭର୍ସାଲ ଡାକ ୟୁନିୟନ ଗଠନ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହାପରେ ଜାପାନର ଟୋକିଓରେ ଅନୁଷ୍ଠିତ ୧୯୬୯ ସମ୍ମିଳନୀରେ ଅକ୍ଟୋବର ୯କୁ ବିଶ୍ୱ ଡାକ ଦିବସ ଭାବେ ପାଳନ ପାଇଁ ଘୋଷଣା କରାଯାଇଥିଲା। ଏହି ଦିବସ ପାଳନର ଉଦ୍ଦେଶ୍ୟ ଡାକ ସେବା ବିଷୟରେ ଅବଗତ କରାଇବା।୧୮୭୬ ଜୁଲାଇ ୧ରେ ଭାରତ ପ୍ରଥମ ଏସୀୟ ଦେଶ ଯିଏକି, ୟୁନିଭର୍ସାଲ ଡାକ ୟୁନିୟନର ସଦସ୍ୟ ହୋଇଥିଲା। ଜନସଂଖ୍ୟା ଏବଂ ଅନ୍ତର୍ଜାତୀୟ ମେଲ୍ ଟ୍ରାଫିକ ଆଧାରରେ ଭାରତ ପ୍ରଥମ ବର୍ଗର ସଦସ୍ୟ ରହିଆସିଛି। ଡାକ ନେଟ୍‌ୱର୍କରେ ହେଡ୍ ପୋଷ୍ଟ ଅଫିସ, ସବ୍ ପୋଷ୍ଟ ଅଫିସ, ଅତିରିକ୍ତ ବିଭାଗୀୟ ସବ୍ ପୋଷ୍ଟ ଅଫିସ ଏବଂ ଅତିରିକ୍ତ ବିଭାଗୀୟ ଶାଖା ଡାକଘର ସମାନ ଡାକ ସେବା ଯୋଗାଇଥାନ୍ତି। ତଥାପି ବିତରଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ଡାକଘର ସହିତ ହୋଇଥାଏ। ଡାକ ସେବା ହେଉଛି ଯୋଗାଯୋଗର ପୁରାତନ ମାଧ୍ୟମ। ଆଜିର ଏହି ଡିଜିଟାଲ ଯୁଗରେ ଡାକସେବାରୁ ଯଦିଓ ଲୋକେ ଦୂରେଇ ଯାଇଛନ୍ତି ତଥାପି ଅନେକ କାମ ଏହି ଡାକ ମାଧ୍ୟମରେ କରାଯାଉଛି। ଦୀର୍ଘଦିନରୁ ସବୁଠାରୁ ନିର୍ଭରଯୋଗ୍ୟ ଏବଂ ଶସ୍ତା ମାଧ୍ୟମ ପାଲଟିଛି ଡାକସେବା। ଯୋଗାଯୋଗର ପୁରୁଣା ଉତ୍ସକୁ ମନେରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି। ଡିଜିଟାଇଜେଶନ ଯୁଗରେ ବିଶ୍ୱର ଡାକ ବ୍ୟବସ୍ଥା ନିଜକୁ ନୂତନ ବୈଷୟିକ ସେବା ସହିତ ଜଡ଼ିତ କରିଛି। ମେଲ୍, ପାର୍ଶଲ, ଚିଠି ବିତରଣ ପାଇଁ ଏକ୍ସପ୍ରେସ ସେବା ଆରମ୍ଭ ହୋଇଛି। ଡାକ ବିଭାଗ ମଧ ଆର୍ଥିକ ସେବାକୁ ଆଧୁନିକ ଜ୍ଞାନକୌଶଳ ସହିତ ଯୋଡ଼ିଛି। ବର୍ତ୍ତମାନ ଲୋକେ ଅନଲାଇନ୍ ଡାକ କାରବାର ଉପରେ ମଧ ସେମାନଙ୍କର ବିଶ୍ୱାସ ବଢ଼ାଇଛନ୍ତି।


ଆଜି ବିଶ୍ୱ ଡାକଦିବସ

## ଗୋଆରେ ଫ୍ଲାଟ୍ କିଣିଲେ ରଶ୍ମିକା



**ହାଇଦ୍ରାବାଦ:** ତେଲୁଗୁ ଫିଲ୍ମ 'ଗୀତା ଗୋବିନ୍ଦମ୍' ଜରିଆରେ ଲାଇମ୍ ଲାଇଟ୍‌କୁ ଆସିଥିଲେ ସୁନ୍ଦରୀ ଅଭିନେତ୍ରୀ ରଶ୍ମିକା ମନ୍ଦାନା। ତାଙ୍କର ଚୁଲବୁଲି ସ୍ୱଭାବ ସାଙ୍ଗକୁ ଅଭିନୟକୁ ଲୋକେ ବେଶ୍ ପସନ୍ଦ କରନ୍ତି। ଗୋଟିଏ ପରେ ଗୋଟିଏ ସୁପରହିଟ୍ ଫିଲ୍ମ ଭେଟି ଦେବା ଯୋଗୁ ତାଙ୍କର ଚାହିଦା ବଢ଼ିଛି। ଫିଲ୍ମ ପିଛା ମୋଟା ଅଙ୍କର ପାଉଣା ନେଉଛନ୍ତି ସେ। ଏବେ ମନ୍ଦାନା ଗୋଆରେ ନିଜର ଚତୁର୍ଥ ଘର କିଣି ଚର୍ଚ୍ଚାରେ ଅଛନ୍ତି। ଏହି ଘରର ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ପୂର୍ବରୁ ରଶ୍ମିକା ହାଇଦ୍ରାବାଦ, ମୁମ୍ବାଇ ଏବଂ କୁର୍ଗରେ ଘର କିଣିଥିଲେ। ଏବେ ନିଜର ନୂଆ ଘର କିଣିବା ପରେ ଇନ୍‌ଷ୍ଟାଗ୍ରାମରେ ଫଟୋ ଶେୟାର କରିଛନ୍ତି। କର୍ନାଟକର ବାସିନ୍ଦା ରଶ୍ମିକା ଗତ ସେପ୍ଟେମ୍ବରରେ ହାଇଦ୍ରାବାଦର ଗାଚିବୋଲି ଅଞ୍ଚଳରେ ଏକ ଘର କିଣିଥିଲେ। ବଲିଉଡ୍ ଫିଲ୍ମ 'ମିଶନ ମଜନୁ' କରିବା ସମୟରେ ମୁମ୍ବାଇରେ ମଧ ସେ ଏକ ଆପାର୍ଟମେଣ୍ଟ କିଣିଥିଲେ।


## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ଏ ମନୋରମା ବେହେରା
ସ୍ୱାମୀ- ଏ ଇଂ. କୃଷ୍ଣ ଚନ୍ଦ୍ର ବେହେରା
ଧାନମଣ୍ଡଳ, ବ୍ରାହ୍ମଣସାଇଲୋ, ଗୋବିନ୍ଦପୁର, କଟକ
ଆବିର୍ଭାବ: ୦୨.୧୨.୧୯୫୨
ତିରୋଧାନ : ୧୨.୧୦.୨୦୧୮
ଚାହୁଁ ଚାହୁଁ ତୁମେ ଚାଲିଯିବାର ତିନିବର୍ଷ ପୂରିଗଲା। ତୁମର ସ୍ନେହ, ସତ୍ୟନିଷ୍ଠତା, ପରୋପକାରିତା, ନ୍ୟାୟପରାୟଣତା ଓ ଧାର୍ମିକ ଉପଦେଶ ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ, ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୦୯୬୪

**ଦଶମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପଦ୍ମଚରଣ ସାହୁ
Plot No-82 & 82/A SCR, Bapuji Nagar
ଆବିର୍ଭାବ: ୦୬।୦୪।୧୯୩୯
ତିରୋଧାନ: ୩୦।୦୯।୨୦୧୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର-ସୁରେନ୍ଦ୍ର କୁମାର ସାହୁ ଓ ପରିବାରବର୍ଗ।
ମୋ: ୭୫୦୪୬୭୮୯୦୧
ଧ-୨୧୮୯୫

**ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ଏନିର୍ମଳା ମହାପାତ୍ର
ପ୍ଲଟ୍ ନଂ.- ୧୫୫୨, ମହାନଦୀ ବିହାର, କଟକ
ଆବିର୍ଭାବ- ୧୪।୦୨।୧୯୪୭
ତିରୋଧାନ- ୨୫।୦୯।୨୦୦୬
(ଆଶ୍ୱିନ ଶୁକ୍ଳ ତୃତୀୟା)
ଚାହୁଁ ଚାହୁଁ ବିତିଗଲା ପନ୍ଦର ବରଷ,
ତଥାପି ଖୁରୁଛୁ ଆମେ ଦିନ, ମାସ, ବର୍ଷ।
କେବେ ଫେରିବ ମର୍ତ୍ତ୍ୟକୁ ଚାହିଁଛି ଏ ଆଖି,
ଗୁମୁରି ଗୁମୁରି କାନ୍ଦେ ମନ ପ୍ରାଣ ପକ୍ଷୀ ।
-:ଶ୍ରଦ୍ଧାଞ୍ଜଳି ସହ:-
ସ୍ୱାମୀ: ଇଂ. ଯଦୁନାଥ ମହାପାତ୍ର, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୨୧୯୦୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଏଭାନୁମତୀ ଜେନା (ଭାନୀ)
ଗ୍ରାମ: ପଟିଆଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୭।୦୬।୧୯୪୮
ତିରୋଧାନ: ୨୯।୦୯।୨୦୨୧
ମାଆ, ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠାପରତା ଆମ ଜୀବନର ଉତ୍ସ ହେଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଗୁରୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ପୂର୍ବତନ କାଉନ୍‌ସିଲର ସ୍ୱର୍ଗତ ସୀତାନାଥ ଜେନା (ବାବାଜୀ)ଙ୍କ ପତ୍ନୀ ଏଭାନୁମତୀ (ଭାନୀ) ଭାଉଜ ରୂପେ ଏ ଅଞ୍ଚଳରେ ପରିଚିତ ଥିଲେ।
ଶୋକସନ୍ତପ୍ତ: ପୁତ୍ର: ପୃଥ୍ୱୀରାଜ ଜେନା, ବିଜୟରାଜ ଜେନା, ଅଧିରାଜ ଜେନା, ପୁତ୍ରବଧୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁ ପରିଜନ ଓ ଜେନା ପରିବାର ।
ଧ-୫୯୫୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ଏସୁବ୍ରତ ପାଣି
ଆବିର୍ଭାବ: ୧୫।୦୪।୧୯୭୩
ତିରୋଧାନ: ୨୦।୦୯।୨୦୨୧
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ତୋର ଅନୁପସ୍ଥିତି ଆମ ପାଇଁ ଯନ୍ତ୍ରଣାଦାୟକ ପାଲଟିଯାଇଛି। କିନ୍ତୁ ଆମର ଏ ନୀରବ ଆର୍ତ୍ତନାଦ ତୁ କ'ଣ ଶୁଣିପାରୁଛୁ? ତୁ ଛାଡ଼ିଦେଇ ଯାଇଥିବା ସ୍ଥାନ ଅପୂରଣୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ।
ଶୋକସନ୍ତପ୍ତ: ନନା, ବୋଉ, ଧର୍ମପତ୍ନୀ ଭଉଣୀ, ଭିଣୋଇ, ଝିଅ (ମୁସ୍କାନ) ଓ ଭଣଜା (ଚିକୁ), ପରିବାରବର୍ଗ, ବନ୍ଧୁ, କିରଣ ଇଲେକ୍ଟ୍ରିକାଲସ୍‌ର ସମସ୍ତ କର୍ମଚାରୀ
ଧ-୭୦୭୪୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଏ ଡାକ୍ତର ନରସିଂହ ଚରଣ ଦାସ
(ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ)
ସବିତା ନିବାସ, ଜଗନ୍ନାଥ ମଠ ଲେନ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୩୧.୧୨.୧୯୩୧
ତିରୋଧାନ: ୨୯.୦୯.୨୦୨୧
ଆପଣଙ୍କ ନିର୍ମଳ ହୃଦୟ, ଅମାୟିକ ବ୍ୟବହାର, ଶ୍ରଦ୍ଧା, ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମର ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅନାବିଳ ସ୍ନେହ, ନିଷ୍ଠା ଓ ଆଦର୍ଶ ସବୁଦିନ ପାଇଁ ପ୍ରେରଣାର ଉତ୍ସ ହେଉ। ଇଷ୍ଟ ଦେବତା ଶ୍ରୀଗୋପାଳଜିଉ, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମାତା ଶ୍ରୀଲକ୍ଷ୍ମୀ ଙ୍କୁ ଭକ୍ତିପୂର୍ଣ୍ଣ ପ୍ରାର୍ଥନା ଆପଣଙ୍କ ପବିତ୍ର ଆତ୍ମା ଶାନ୍ତି, ସଦ୍‌ଗତି ଓ ମୁକ୍ତି ଲାଭ କରୁ।
:ବିନମ୍ର ଶ୍ରଦ୍ଧାଞ୍ଜଳି ସହ:
ପୁତ୍ର: କୁନାକ, ବାପୁ, ଆପୁ, ପୁତ୍ରବଧୂ: ସୁଜାତା, ସୁନନ୍ଦା, ସିଲୁ, କନ୍ୟା: ରୀତା, ଜ୍ୱାଇଁ: ପ୍ରକାଶ, ନାତି: ଗୋଲିଡି, ଟିଂଗୁ, ସିଦ୍ଧୁ (ଟିଆ), ନାତୁଣୀ: ଶିତଲ, ପୁଚୁଲ, ନାତୁଣୀ ବୋହୂ: ଅପର୍ଣ୍ଣା, ହାନା ଏବଂ ନାତୁଣୀ ଜ୍ୱାଇଁ ଆଶୁତୋଷ ଏବଂ ଆତ୍ମୀୟସ୍ୱଜନ।
ଧ-୨୧୯୦୪

**ଜନ୍ମଦିନର ଶୁଭେଚ୍ଛା**




ସ୍ନେହା ଶ୍ରୀ (ତିତିଲି)
ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର
ଆଜି ତୋର ୧୨ତମ ଜନ୍ମବାର୍ଷିକୀ ଅବସରରେ ସାଇବାବାଙ୍କ ଆଶିଷ କାମନା କରୁଛୁ। ତୋର ସମସ୍ତ ମନୋକାମନା ପୂରଣ ହେଉ ଏବଂ ତୋର ଜୀବନରେ ସୁଖ, ଶାନ୍ତି ଭରିଯାଉ।
ଶୁଭେଚ୍ଛା ସହ: ଅଜା, ଆଇ, ମମି, ଶ୍ରୀରାମ ମଉସା, ମାମା, ମାମୁ, ମାଇଁ, ସାଇ, ଶ୍ରଦ୍ଧା ଓ ଇଶାନ୍ ।
ଧ-୭୦୭୪୦

**ଜନ୍ମବାର୍ଷିକ ଶୁଭେଚ୍ଛା**



ଆଦ୍ୟା ଇଶାନୀ ପ୍ରଧାନ
କରଡ଼ା, ରଘୁନାଥପୁର, ନୟାଗଡ଼
ଆଜି ତୁମ ତୃତୀୟ ବାର୍ଷିକ ଜନ୍ମଦିନ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ପଦାରବିନ୍ଦରେ ତୁମର ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ପ୍ରାର୍ଥନା ଜଣାଉଛୁ।
ଶୁଭେଚ୍ଛା ସହ:
ପାପା, ମାମା, ପରିବାରବର୍ଗ ।
ଧ-୧୫୯୨୩

**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ନବରାତ୍ରୀ ଧମାକା**
ଶ୍ରୀ ବାଲାଜୀ ଫାଇନାନ୍ସରୁ ତୁରନ୍ତ ଋଣ ପାଆନ୍ତୁ । ଆଧାର କାର୍ଡ, ମାର୍କଶିଟ୍, ପର୍ସନାଲ, ଘର ଓ ଦୋକାନ ସବୁ ପ୍ରକାର ଋଣ
2% ସୁଧ, 50% ଛାଡ଼
(ସିଭିଲ ଡିଫଲ୍ଟର ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ)
9453589979

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ତାଲୁକ ଆଇନ ସଚେତନତା ଶିବିର

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ବ୍ଲକ ସଦର ମହକୁମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାନ୍ ଇଣ୍ଡିଆ ଆୱାରନେସ ଓ ଆଉଟ୍ ରିଚ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋକସରା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଭିନନ୍ଦନ ନନ୍ଦ ଯୋଗଦେଇ ସାଧାରଣ ଲୋକଙ୍କ ପାଇଁ ରହିଥିବା ଆଇନ ସହାୟତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବାର ଆସୋସିଏଶନ ସମ୍ପାଦକ ଲକ୍ଷ୍ମୀଧର ମେହେର, ଆଇନଜୀବୀ ଲଳିତ ଦାସ, ଗଗନ ମହାନନ୍ଦଙ୍କ ସମେତ ସଚେତନ ନାଗରିକ ଓ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

### ସଂକ୍ଷେପରେ

## ରାଜା ଏଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ତଦାରଖ

ନୂଆପଡା ଅଫିସ/ଖଡିଆଳ,୮।୧୦ (ଡି.ଏନ.ଏ.): ଗୁରୁବାର ଜିଲାପାଳ ସ୍ୱାଧାଦେବ ସିଂ ନୂଆପଡା ଜିଲା ଖଡିଆଳ ଗସ୍ତରେ ଆସି ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ତଦାରଖ କରିଛନ୍ତି। ଜିଲାପାଳ ବିଜ୍ଞାନ ଗାର, ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସ, ଡାଇନିଂ ହଲ, ଜିମ, କୋଷକ ଭିତିକ ବିଜ୍ଞାନ ପାଠାଗାର, ଖେଳକୁଦ ସାମଗ୍ରୀ ପରିଦର୍ଶନ କରି ତଦାରଖ କରିଛନ୍ତି। ଜିଲାର ୭ଟି ସ୍କୁଲରେ ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରଣ କାର୍ଯ୍ୟ ଚାଲୁଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୫୭ଟି ସ୍କୁଲ ସାମିଲ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ଗସ୍ତ ସମୟରେ ଖଡିଆଳ ବିଡିଓ ନାରାୟଣ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନକୁଳ ଶବର, ଅଶୋକ କୁମାର ବେହେରା ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ହାତୀଖୋଜ କଟାଦେଓ ମନ୍ଦିର ପ୍ରତିଷ୍ଠା

ପଲମ,୮।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପଲମ ଫାଣ୍ଡି ଅଧୀନ ହାତୀଖୋଜ ପଞ୍ଚାୟତସ୍ଥିତ ହାତୀଖୋଜ ଗ୍ରାମ ବଜାର ପଡିଆଠାରେ କଟାଦେଓ ମନ୍ଦିର ଶୁକ୍ରବାର ଆଦିବାସୀ ସଂଘ ତଥା ଗ୍ରାମବାସୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଆଦିବାସୀ ସଂଘ ନେତା ତଥା ପୂର୍ବତନ ବିଧାୟକ ଧନେଶ୍ୱର ମାଝି ଯୋଗଦେଇ ପରମ୍ପରାରେ ପୂଜା କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଧନେଶ୍ୱର ୨୦୧୩ରେ ମନ୍ଦିର ନିର୍ମାଣ ଲାଗି ଦେଢ଼ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। କୌଣସି କାରଣ ବଶତଃ କାର୍ଯ୍ୟ ବନ୍ଦ ହୋଇଥିଲା। ମାତ୍ର ୨୦୨୧ରେ କାର୍ଯ୍ୟ ଆରମ୍ଭ କରାଯାଇ ସମ୍ପୂର୍ଣ୍ଣ ହୋଇଛି। କଟାଦେଓ ମନ୍ଦିର କମିଟି ସଭାପତି କଳାକାହ୍ନୁ ନାଏକ, ସମ୍ପାଦକ ରଜାପତି ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ଦୁଷ୍ମନ୍ତ ଜାନୀ ଓ ନବାଜ ଜାନୀ ପୂଜା କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟରେ ରସାନ୍ତ ଭୋଇ, ମଙ୍ଗଲୁ ମାଝି ରହି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ମନୋଜ ଦାସ ପୂଜା କାର୍ଯ୍ୟ କରିଥିବା ବେଳେ ମନ୍ଦିର ଦିଆରି ତପିନ୍ଦ୍ର ମାଝିଙ୍କୁ କାଳସି ଲଗାଇ ମନ୍ଦିର ଚାରିପଟେ ପରିକ୍ରମା କରିଥିଲେ । ଏହି ମନ୍ଦିର ପରିସରରେ ବଳିସ୍ତମ୍ଭ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ୱାର୍ଡମେମ୍ବର ତରୁଣ ଜାନୀ, ରାମନାଥ ମାଝି ପ୍ରମୁଖ ବ୍ୟକ୍ତି ଯୋଗଦେଇ ମା'ଙ୍କ ଭୋଗୁ ସେବନ କରିଥିଲେ।

## ଆଦର୍ଶ ଯୁବକ ସଂଘ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୮।୧୦: ନୂଆପଡା ଜିଲା ସିନାପାଲିସ୍ଥିତ ଆଦର୍ଶ ଯୁବକ ସଂଘ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିନାପାଲି ଯୁଗେନ ପଦର ଛକଠାରୁ ଗୋଡାଲ ବଜାର ଛକ ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ ୱେରେ ସ୍ୱଚ୍ଛତା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ବିଜୁ ଏକ୍ସପ୍ରେସ ନିର୍ମାଣ ହେବା ପରେ ଅନେକ ଯୁବକ ଉକ୍ତ ରାସ୍ତାରେ ସନ୍ଧ୍ୟା ସମୟରେ ବସି ପଲିଥିନ ତଥା ବୋତଲ ଓ ମଇଳା ଆବର୍ଜନା ପକାଇ ଦେଉଛନ୍ତି। ଫଳରେ ରାସ୍ତା ବୋତଲ ଓ ପଲିଥିନ ପଡ଼ି ଉଭୟ ପାର୍ଶ୍ୱ ଆବର୍ଜନାମୟ ହୋଇପଡିଛି। ଏଥିସହ କେତେଜଣ ଲୋକ ଉକ୍ତ ରାସ୍ତା ଉପରେ ନିଶାଦ୍ରବ୍ୟ ସେବନ କରି ମଦ ବୋତଲ ଓ ପଲିଥିନ ଫିଙ୍ଗି ଦେଉଥିବା ଅଭିଯୋଗ ହେଉଛି। ଶୁକ୍ରବାର ଆଦର୍ଶ ଯୁବକ ସଂଘ ସମସ୍ତ କର୍ମକର୍ତ୍ତା ଏକତ୍ର ହୋଇ ରାସ୍ତାକୁ ସଫା କରିଛନ୍ତି। ସମସ୍ତଙ୍କୁ ଉକ୍ତ ରାସ୍ତା ଉପରେ ମଦ ବୋତଲ ତଥା ପଲିଥିନ ନ ପକାଇବା ସଫାସୁତୁରା ରଖିବାକୁ ନିବେଦନ କରିଛନ୍ତି।

## ପ୍ରଦୀପ୍ତ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ

ଭବାନୀପାଟଣା,୮।୧୦(ସ୍ୱ.ପ୍ର.): ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଗୁରୁବାର ୮୦ଜଣ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ କମିଟି ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏଥିରେ ଓଡିଶା ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦିପ୍ତ ନାଏକଙ୍କ ସ୍ଥାନ ରହିଛି। ଯାହାକୁ ନେଇ ଜିଲା ଭାଜପା କର୍ମକର୍ତ୍ତାଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି। ପ୍ରକାଶ ଯେ, ବିରୋଧୀ ଦଳ ନେତା ନାଏକ କରୋନାରୁ ସୁସ୍ଥ ହେବା ପରେ ଏବେ ସେ ଭୁବନେଶ୍ୱର ଏମ୍ସ ଅତିଥି ଭବନରେ ରହି ନିଜ ଦାୟିତ୍ୱ ତୁଲାଉଛନ୍ତି।



# ଜଳସେଚନ ବ୍ୟବସ୍ଥା କରିବାକୁ ଚାଷୀଙ୍କ ଦାବି

କେସିଙ୍ଗା,୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କୁଣ୍ଡାବନ୍ଧ ଗ୍ରାମଠାରେ ଶୁକ୍ରବାର ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଚାଷୀନେତା ତଥା ପୂର୍ବତନ ସରପଞ୍ଚ କେଶବ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ପରିଷଦ ସଦସ୍ୟ ତଥା ସାଇନିଙ୍ଗ କଳାହାଣ୍ଡି ଅଧ୍ୟକ୍ଷ ଭବାନୀ ଶଙ୍କର ନିଆଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କେସିଙ୍ଗା ବ୍ଲକ ଯୋନ ୨ ଓ ୩ର କିକିଆ, କୁଣ୍ଡାବନ୍ଧ, ଉକ୍ରେଲା, ଲଇତରା, ବାଲସି, ନାସିଗାଁ, ପାଷ୍ଟିକୁଡି, ପଥର୍ଲା, ଫଟକାମଳ, ଅଧମୁଣ୍ଡା, ଗାଇଗାଁ, ସିରୋଲ, ଚାଚେର, ଦେଓଗାଁ, କାଣ୍ଡେଲ, ଗୋକଳେଶର, ଚାଚେର ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଜଳସେଚନ ଉପରେ ଆଲୋଚନା କରାଯାଇଥିଲା। ଏହି ଅଞ୍ଚଳରେ ଝରଣା ବା ନଇଁ ନାଳ ନ ରହିଥିବାରୁ ଚାଷୀମାନେ ଜଳସେଚନ ପାଇଁ ବହୁତ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହାର ସମାଧାନ ଲାଗି ଜଳସେଚନ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ତେଲନଦୀ ଜରିଆରେ ମେଗା ପ୍ରୋଜେକ୍ଟ ଓ ରେତଜଳ ସଚେତନ ପ୍ରକଳ୍ପ ଜରିଆରେ ଜଳସେଚନ ଏଠି ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ୧୭ଟି ଗ୍ରାମପଞ୍ଚାୟତର ଶହେ ହେକ୍ଟର ଜମିରେ ଜଳସେଚିତ ହେବ। ସମ୍ମିଳନୀରେ କେଶବ ବିଶ୍ୱାଳ, ଅଚ୍ୟୁତାନନ୍ଦ ମାଝି, ଗଜେନ୍ଦ୍ର ସାହୁ, ପ୍ରଦୀପ ବିଶ୍ୱାଳ, ମନୋଜ ବିଶ୍ୱାଳ, ଦିଲୀପ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।


କୁଣ୍ଡାବନ୍ଧ ଗ୍ରାମଠାରେ ଅନୁଷ୍ଠିତ ସମ୍ମିଳନୀରେ ସାମିଲ ଚାଷୀମାନେ ।

## ବାଇକ୍‌କୁ ଧକ୍କା ଦେଲା ବୋଲେରୋ: ବାପ ମୃତ, ପୁଅ ଗୁରୁତର

କେସିଙ୍ଗା,୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଏନଏଚ ୨୬ କେନ୍ଦୁପଡା ଦ୍ରୋଣାଚାର୍ଯ୍ୟ ସ୍କୁଲ ନିକଟରେ ଶୁକ୍ରବାର ଅପରାହ୍ନରେ ବାଇକ୍‌କୁ ଧକ୍କା ଦେଇଛି ଏକ ବୋଲେରୋ। ଫଳରେ ବାପା ଛବି ମାଝି (୫୫) ମୃତ୍ୟୁ ଘଟିଥିବା ବେଳେ ପୁଅ ଧବଳେଶ୍ୱର ମାଝି (୨୨) ଗୁରୁତର ଆହତ ହୋଇଛନ୍ତି। ବାପା ଓ ପୁଅ ମିଶି ବ୍ରାହ୍ମଣୀ ଗ୍ରାମରୁ ବାଇକ୍ (ନଂ. ଓଡି୦୮୦-୩୩୧୩) ଯୋଗେ ଭବାନୀପାଟଣା ପଟକୁ ଯାଉଥିଲେ। ଭବାନୀପାଟଣା ପଟରୁ ଆସୁଥିବା ଏକ ବୋଲେରୋ (ନଂ.ଓଆର୦୮ସି-୭୦୦୯) ଜୋରରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପା ଛବିଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ପୁଅ ଧବଳେଶ୍ୱରଙ୍କୁ ଉଦ୍ଧାର କରାଯାଇ କେସିଙ୍ଗା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସ୍ଥାନୀୟ ପୋଲିସ ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ଅଗ୍ରସେନ ଜୟନ୍ତୀରେ କୃତୀ ପ୍ରତିଯୋଗୀ ପୁରସ୍କୃତ

ଜୁନାଗଡ,୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଗୁରୁବାର ସନ୍ଧ୍ୟାରେ କୋଭିଡ୍ ଗାଇଡଲାଇନ୍ ଅନୁଯାୟୀ ଅଗ୍ରସେନ ମହାରାଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜୁନାଗଡ ମାରୱାଡି ଯୁବା ମଞ୍ଚ, ମାରୱାଡି ମହିଳା ସମିତି ଓ ମାରୱାଡି ସମ୍ମିଳୀନ ପକ୍ଷରୁ ସ୍ଥାନୀୟ ଅଗ୍ରସେନ ଭବନଠାରେ ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମ ପୂର୍ବରୁ ଅଗ୍ରସେନଙ୍କ ପୂଜା କରାଯାଇଥିଲା। ଜୁନାଗଡ ମାରୱାଡି ସମ୍ମେଳନ ସଭାପତି ମୁକେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ, ସମ୍ମାନିତ ଅତିଥି ସ୍ଥାନୀୟ ମାରୱାଡି ମହିଳା ସମିତି ଅଧକ୍ଷା କଞ୍ଚନ ଅଗ୍ରୱାଲ, ସମ୍ପାଦିକା କୋମଳ ଅଗ୍ରୱାଲ, ଯୁବା ମଞ୍ଚ ଅଧକ୍ଷ ଅମିତ ଗୁପ୍ତା, ସମ୍ପାଦକ ଯୋଗେଶ ଖେମକା, ଅଗ୍ରସେନ ଜୟନ୍ତୀ କମଟି ଅଧକ୍ଷ ଗୋପାଳ ମିତ୍ତଲ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ଦେଇଥିଲେ। ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ୪ ଦିନ ମହିଳା ଓ ଛୋଟ ଝିଅପୁଅମାନଙ୍କୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସର୍ବଭାରତୀୟ ଚାର୍ଟେର୍ଡ ଆକାଉଣ୍ଟେଣ୍ଟ(ସିଏ) ଇଣ୍ଟରମିଡିଏଟ୍ (ନିଉ) ପରୀକ୍ଷାରେ ୧୨ତମ ସ୍ଥାନ ହାସଲ କରି ସମାଜର ଗର୍ବ ଆଣିଥିବା ସାଇନା ଅଗ୍ରୱାଲଙ୍କୁ ମଧ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବା ମଞ୍ଚ କୋଷାଧକ୍ଷ ସୁରଜ ଅଗ୍ରୱାଲ, ମହିଳା ସମିତି କୋଷାଧକ୍ଷ କାନ୍ତା ମିତ୍ତଲ, ଅଗ୍ରସେନ ଜୟନ୍ତୀ କମିଟି କୋଷାଧକ୍ଷ ପ୍ରଣବ ଗୋୟଲ, ସମ୍ମେଳନର ସମ୍ପାଦକ ଚମ୍ପକ ଅଗ୍ରୱାଲ, କୋଷାଧକ୍ଷ ସୁରେନ ଗୋୟଲ, ଅଗ୍ରସେନ ଭବନ କମଟି କାର୍ଯ୍ୟରତ ସଦସ୍ୟ ସନ୍ତୋଷ ସିଙ୍ଘଲ ପ୍ରମୁଖ ସହଯୋଗ କରିଥିଲେ।


ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ସୋସିଆଲ ମିଡିଆରେ ଯୁବତୀଙ୍କ ଫଟୋ ଭାଇରାଲ: ଜେଲ ଗଲେ ୨ ଯୁବକ

କୋକସରା,୮।୧୦(ଡି.ଏନ.ଏ.)

ସୋସିଆଲ ମିଡ଼ିଆରେ ଜଣେ ଯୁବତୀଙ୍କ ଫଟୋ ଭାଇରାଲ କରିବା ଅଭିଯୋଗରେ ଶୁକ୍ରବାର କଳାହାଣ୍ଡି ଜିଲା କୋକସରା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୀପକ କର (୨୮) ଏବଂ ତାଙ୍କ ସହଯୋଗୀ ବିଷ୍ଣୁ ନାଏକ (୩୦)।

ସୂଚନା ଯେ, କୋକସରା ଥାନା ଅଧୀନ ରେଙ୍ଗାଲପାଲି ପଞ୍ଚାୟତ କାଦୋପଦର ନୂଆଗୁଡା ଗାଁର ଦୀପକ ଜଣେ ଯୁବତୀଙ୍କୁ ବର୍ଷେ ହେବ ଭଲ ପାଇ ଆସୁଥିଲେ। ବିଭିନ୍ନ ସମୟରେ ଦୀପକ ଅନ୍ତଃରଙ୍ଗ ମୁହୂର୍ତ୍ତ ଫଟୋ ଓ ଭିଡିଓକୁ ମୋବାଇଲରେ ରଖିଥିଲେ। ବାହାଘର ଠିକ ହେବା ପରେ ଯୁବତୀ ବାରଣ କରିବାରୁ ଦୀପକ ଉଠାଇଥିବା ଉକ୍ତ ଅନ୍ତଃରଙ୍ଗ ମୁହୂର୍ତ୍ତର ଫଟୋ ଭିଡିଓକୁ ଫେସବୁକ, ଇନ୍‌ଷ୍ଟଗ୍ରାମ, ହାଟ୍ସଅପରେ ପୋଷ୍ଟ କରିଥିଲେ। ଝିଅର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ ଯୁବତୀଙ୍କ ବାପା ୭ ତାରିଖରେ କୋକସରା ଥାନାରେ ଦୀପକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ମାମଲାର ତ୍ୱରିତ ପଦକ୍ଷେପ ଗ୍ରହଣ କରି ଦୀପକ ଓ ତାଙ୍କ ଅନ୍ୟ ଜଣେ ସହଯୋଗୀ ବିଷ୍ଣୁଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ କରିବା ସହ ପୀଡିତାଙ୍କ ବୟାନ ପରେ ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ.୨୦୩/୨୧) ରୁଜୁ ହୋଇଛି।

## ମାରୱାଡି ଯୁବାମଞ୍ଚ ପକ୍ଷରୁ ଅଗ୍ରସେନ ଜୟନ୍ତୀ ପାଳିତ

କୋକସରା,୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁଠାରେ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ଅଗ୍ରସେନ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଲଦୁଗାଁ ମାମୋଦେବୀ କଲ୍ୟାଣ ମଣ୍ଡପଠାରେ ମାରୱାଡି ଯୁବାମଞ୍ଚ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲଦୁଗାଁ ମାରୱାଡି ସମାଜ ସଭାପତି ତ୍ରିଲୋଚନ ଅଗ୍ରୱାଲ, ଉପସଭାପତି ମନୋଜ ଅଗ୍ରୱାଲ, ମାରୱାଡ଼ି ଯୁବାମଞ୍ଚ ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଶ୍ରୀକାନ୍ତ ଶର୍ମା, ସମ୍ମାନିତ ଅତିଥି ପ୍ରହଲ୍ଲାଦ ଅଗ୍ରୱାଲ, ଦୁର୍ଗା ପ୍ରସାଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଧାତ୍ମିକ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମାରୱାଡି ସମିତି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁବବର୍ଗ ଓ ସାମାଜିକ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମକୁ ଲଦୁଗାଁ ମାରୱାଡି ଯୁବାମଞ୍ଚ ସଦସ୍ୟ ସମେତ ଲଦୁଗାଁ ମାରୱାଡି ସମାଜ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଶେଷ ମୁଣ୍ଡକୁ ପହଞ୍ଚୁନି ପାଣି, ଚିନ୍ତାରେ ଚାଷୀ


ଶୁଖିଲା ପଡ଼ିଛି କାଳିଗଙ୍ଗା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ।

ମୋହନଗିରି,୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ମୋହନଗିରିଠାରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାଳିଗଙ୍ଗାରେ ବୃଷ୍ଟିପାତ କମ ଯୋଗୁ ଜଳ ସଙ୍କଟ ଦେଖାଯାଇଛି। ଚାଷୀଙ୍କ ଆବଶ୍ୟକ ଅନୁସାରେ କେନାଲରେ ପାଣି ନ ଥିବାରୁ ଧାନ ଚାଷ ବିଶେଷ ଭାବେ ପ୍ରଭାବିତ ହେବା ଆଶଙ୍କା ଦେଖାଯାଇଛି। ଏହି ପ୍ରକଳ୍ପର ଆଇକଟ ଏରିଆ ଭିତରେ ଥିବା ମୁଚେଲପଦର, କତୋବାହାଲି, ବିଜମାଳ, ସିଂହପୁର ଆଦି ଗାଁର ଚାଷୀଙ୍କ ଧାନ ଫସଲ କ୍ଷତି ହେବା ଯଥେଷ୍ଟ ଆଶଙ୍କା ଦେଖାଦେଇଛି। ଏବେ ଧାନ ଚାଷ ଫୁଲ ବାହାରିବା ସମୟ। ଏହି ସମୟରେ ଯଥେଷ୍ଟ ପାଣି ଆବଶ୍ୟକତା ରହିଛି। କିନ୍ତୁ ବର୍ଷା ଅଭାବ ସାଙ୍ଗକୁ କେନଲ ସୁଖିଯାଇ ଥିବାରୁ ଚାଷୀ ଚିନ୍ତାରେ ରହିଛନ୍ତି। ଅଗାମୀ ଆଠ ଦିନ ଭିତରେ ବର୍ଷା ନ ହେଲେ ନିଶ୍ଚିତ ମରୁଡିକୁ ଏଡାଇ ଦିଆଯାଇ ନ ପାରେ। ଅପରପକ୍ଷରେ ଜଳସେଚନ ପ୍ରକଳ୍ପରୁ ବର୍ତ୍ତମାନ ଅମଳ ହେଉଥିବା ଜଳର ସୁଷମ ବଣ୍ଟନ ବ୍ୟବସ୍ଥାରେ ମଧ ଅବ୍ୟବସ୍ଥା ହେଉଥିବା ବେଳେ ସମ୍ପୃକ୍ତ ବିଭାଗ ମଧ କେନାଲ ରକ୍ଷଣବେକ୍ଷଣ ପ୍ରତି ଆଖିବୁଜି ଦେଇଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଫଳରେ କେନାଲର ଶେଷ ମୁଣ୍ଡକୁ ପାଣି ପହଞ୍ଚୁ ନ ଥିବା ଜଣାପଡିଛି।

# କରନଢ଼ାବା ଗାଁରେ ବନ୍ୟଜନ୍ତୁ ସପ୍ତାହ ପାଳିତ

ନୂଆପଡ଼ା ଅଫିସ,୮।୧୦

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ କରନଢାବା ଗାଁରେ ଖଡିଆଳ ୟାର ଅନୁଷ୍ଠାନ ପକ୍ଷରୁ ଚାଲିଥିବା ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ କାର୍ଯ୍ୟକ୍ରମ ୭ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ କରନଢାବା, ମହୁଲଝରନ, ବିକ୍ରମପୁର ଓ ସମାଡପଦର ଗାଁର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏବଂ ଗ୍ରାମବାସୀ ଉପସ୍ଥିତଥିଲେ। ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅରୁଣ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ସୁପାରୀ ମାଝି ମୁଖ୍ୟଅତିଥି, ଧନମତି ମାଝି, ସଞ୍ଜିବ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବନ୍ୟଜନ୍ତୁ ସପ୍ତାହରେ ଜିବଜନ୍ତୁଙ୍କୁ ଆମେ କିପରି ସୁରକ୍ଷା ଦେବା। ତାହା ଦ୍ୱାରା ଆମର କ'ଣ ଉପକାର ଓ କ'ଣ କ୍ଷତି ହେଉଛି। ଜଙ୍ଗଲ ନ କାଟିବା, ନଷ୍ଟ ହେବା ଯୋଗୁ ଜଙ୍ଗଲ ଜୀବଜନ୍ତୁ ଗାଁ ମୁହାଁ ହୋଇ ଅନେକ ଧନଜୀବନ ନଷ୍ଟ କରିବାରେ ଲାଗିଛନ୍ତି। ଜୀବଜନ୍ତୁଙ୍କୁ ସୁରକ୍ଷା ଦେବାକୁ ଗଲେ ଜଙ୍ଗଲ ସୁରକ୍ଷା କରିବା ସହିତ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ବୋଲି ମୁଖ୍ୟଅତିଥି ଆଲୋକପାତ କରିଥିଲେ। ଧ୍ରୁବ ଚରଣ ମାଝି, କୈଳାସ ମାଝି, ସିନ୍ଧୁକା ମାଝି, କୁନ୍ତି ମାଝି, ଟିକେରାମ ମାଝି, ଜଗବନ୍ଧୁ ମାଝି, ଲୋକନାଥ ମାଝି, ପିରବତି ମାଝି ପ୍ରମୁଖ ସହଯୋଗ କରିଥିଲେ।


ସଭାରେ ବନ୍ୟଜନ୍ତୁ ସୁରକ୍ଷା ଉପରେ ଲୋକଙ୍କୁ ବୁଝାଯାଉଛି।

## ଏଚଡିଏଫସି ଏଟିଏମ୍ ଉଦ୍‌ଘାଟିତ

ଲୋଇସିଂହା,୮।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବସଷ୍ଟାଣ୍ଡଠାରେ ଏଚଡିଏଫସି ବ୍ୟାଙ୍କ ତରଫରୁ ଏକ ଏଟିଏମ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ହୀରାପୁରସ୍ଥିତ ଏଚଡିଏଫସି ବ୍ୟାଙ୍କ ମ୍ୟାନେଜର ଚିତ୍ତରଞ୍ଜନ ବୁଡେକ ଉତ୍ସବରେ ଅଧ୍ୟକ୍ଷତା କରରିଥିଲେ । ଏଥିରେ ଲୋଇସିଂହା ବିଡିଓ ରାମଚନ୍ଦ୍ର ଖାଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଟିଏମ କାଉଣ୍ଟର ଲୋକାର୍ପଣ କରିଥିଲେ । ଦୀର୍ଘଦିନରୁ ଏଠାରେ ଏଚଡିଏଫସି ଏଟିଏମ ପାଇଁ ଦାବି ହୋଇ ଆସୁଥିଲା । ବ୍ୟାଙ୍କର ୪ ହଜାର ଉପଭୋକ୍ତାଙ୍କ ସମେତ ଅନ୍ୟ ବ୍ୟାଙ୍କ ଉପଭୋକ୍ତା ଉପକୃତ ହୋଇ ପାରିବେ ବୋଲି ବ୍ୟାଙ୍କ ମ୍ୟାନେଜର ବୁଡେକ କହିଥିଲେ । ଏହି ଅବସରରେ କର୍ମଚାରୀ ଦିନେଶ ବାଗ, ଦେବାଶିଷ ସତପଥୀ, ଗୌରହରି ଭୂଏ, ଦୁର୍ଯ୍ୟୋଧନ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସାମାଜିକ ସେବା ସପ୍ତାହ

କୋକସରା,୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶୁକ୍ରବାର ସଭାପତି ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ କୋକସରା ପଞ୍ଚାୟତ ସମିତି ଯୁକ୍ତ ୨ ଓ ଯୁକ୍ତ ୩ କଲେଜଠାରେ ସାମାଜିକ ସେବା ସପ୍ତାହ ଅବସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଅଧକ୍ଷ ଗୁଣାକାର ପଣ୍ଡା, ଅଧାପକ ଅଇରି ନାଶନ ଚିନ୍ଦା, ଜଗନ ଚନ୍ଦାନୀ, ଅଧାପିକା କନକ ମରୀ ବେହେରା ଓ ଜିତେନ୍ଦ୍ର ପ୍ରଧାନୀଙ୍କ ସମେତ କଲେଜ କର୍ମକର୍ତ୍ତାମାନେ ବିଜୁ ଛାତ୍ର ଜନତା ଦଳ ଏହି ସାମାଜିକ ସେବା କାର୍ଯ୍ୟକ୍ରମ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳ ଜିଲା ଉପସଭାପତି ମୁକ୍ତେଶ୍ୱର ନାଗ, ବ୍ଲକ ସୋସିଆଲ ମିଡିଆ ସଂଯୋଜକ ତ୍ରିବିକ୍ରମ ଯାଦବ, ବ୍ଲକ ଉପସଭାପତି ସୁରଜ ନାଏକ, ତୁଷାର ରନ ରାଉତ, ଗୁଡୁ ଶବର, ଆକାଶ ନାଏକ, ସିଦ୍ଧୁ ବେହେରା, ଚନ୍ଦ୍ର ମୋହନ ପ୍ରଧାନୀ, ପପୁନ ପ୍ରଧାନୀ, ଦେବାଶିଷ ପଣ୍ଡାଙ୍କ ସମେତ ବହୁ ଛାତ୍ରମାନେ ଯୋଗଦେଇଥିଲେ।


ସାମାଜିକ ସେବା ସପ୍ତାହ ଅବସରରେ ସଫେଇ କରାଯାଉଛି।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: କୁଣ୍ଡାମାଲ ଚାମ୍ପିୟନ

କୋକସରା,୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତ ଜଳତାମୁଣ୍ଡାଠାରେ ଖୁଟୁଲୁଗୁଡା ୟଙ୍ଗଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପବିତ୍ର ମୋହନ ପୂଝାରୀ ଓ ସୁଶାନ୍ତ କୁମାର ରଥ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ମଣ୍ଡଳ ଓ କୁଣ୍ଡାମାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହିଁକୁ ଗୋଲ ଦେଇ ପାରି ନ ଥିଲେ। ପେନାଲଟିକ୍‌ରେ ମଧ ଉଭୟ ଦଳ ସମାନ ସ୍ଥିତି ଥିବାରୁ ଶେଷରେ ଟସ୍ ମାଧମରେ କୁଣ୍ଡାମାଲ ଦଳ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ଏସ୍‌ଟି ସେଲ ସଭାପତି ତଥା ମୋଟେର ସରପଞ୍ଚ ଇଂ. ସୁଶୀଳ କୁମାର ଶବର ଯୋଗଦେଇ ବିଜେତା ଓ ପରାଜିତ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମିତି ସଭ୍ୟ ଟିକେ ପୂଝାରୀ, ତ୍ରିଲୋଚନ ପୂଝାରୀ, ଈଶାନ ପଟ୍ଟଯୋଷୀ, ଦେବବ୍ରତ ରଥ, ଦୁର୍ମନ ବାଗ, ବିଶେ ବନ୍ଦୀଛୋଡ, ରବୀନ୍ଦ୍ର ବିହାରୀ, ସନ୍ତୋଷ ନିଏଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବାବୁଲାଲ ଶବର, ବୈକୁଣ୍ଠ ଜାଲ ଓ ସୁରେଶ ମାଝି ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରେମ ଲାଲ ଭୋଇ, ରାଜୁ ଶବର, ରମାକାନ୍ତ ମାଝି ସହଯୋଗ କରିଥିଲେ। ୟଙ୍ଗଷ୍ଟାର ଅନୁଷ୍ଠାନ ସଭାପତି ରମାକାନ୍ତ ମାଝି, ସମ୍ପାଦକ ମନୋଜ ବନ୍ଦୀଛୋଡ, ଜନ୍ମେଜୟ ବନ୍ଦୀଛୋଡ, ରଞ୍ଜନ ହାତୀ, ମାନସ ହାତୀ, ଟିଖିରାମ ଭଇଁସାଲ, ଶରତ ବାଗ ପ୍ରମୁଖ ସହ ଅନୁଷ୍ଠାନର ସଭ୍ୟମାନେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

## ଆଦିବାସୀ ଯୁବକଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

ଖପ୍ରାଖୋଲ,୮।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବେନକେରା ଗାଁରେ ଗତ ୨ ତାରିଖ ଦିନ ରାଜୀବ ବରିହା ନାମକ ଜଣେ ଆଦିବାସୀ ଯୁବକଙ୍କୁ ହୋଇଥିବା ଆକ୍ରମଣ ଘଟଣାରେ ସ୍ଥାନୀୟ ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ୩ ଜଣ ହେଲେ ଦେବରାଜ ପୁଟେଲ (୪୯), ଶିବରାମ ପୁଟେଲ (୨୧) ଏବଂ ତ୍ରିନାଥ ପୁଟେଲ(୪୦) । ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ଆଦିବାସୀ କଲ୍ୟାଣ ସଂଘ ସହ ବିଭିନ୍ନ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୯ ଅକ୍ଟୋବର, ୨୦୨୧



## ମୁରମୁରୀ ଜୋରକୁ ବାଇକ୍ ଖସି ଚାଳକ ଗୁରୁତର

ବିନିକା,(ଡି.ଏନ୍.ଏ.): ଶୁକ୍ରବାର ଅପରାହ୍ନ ସାଢେ ୪ଟାରେ ବିନିକା ବ୍ଲକ୍ ସିଂଘିଯୁବା ଗ୍ରାପ ଖଇରମାଳ ଗାଁ ମୁରମୁରୀ ଯୋରକୁ ଏକ ବାଇକ୍ ଭାରସାମ୍ୟ ହରାଇ ଖସି ପଡିବାରୁ ଚାଳକ ଗୁରୁତର ହୋଇଛନ୍ତି । ବାବୁପାଲି ଗ୍ରାପ ଅଧୀନ ତାଲମୁଣ୍ଡା ଗ୍ରାମର ଚାଷୀ କରୁଣା ଭୋଇ(୫୧) ବ୍ୟାଙ୍କ କାମରେ ଯାଇ ବାଇକ୍‌ରେ ଫେରୁଥିଲେ । ତେବେ ମୁରମୁରୀ ଜୋର ବ୍ରିଜ ସଂକୀର୍ଣ୍ଣ ହୋଇଥିବା କାରଣରୁ ସେ ଜୋର ମଧକୁ ବାଇକ୍ ସହିତ ଖସି ପଡିଥିଲେ । ବ୍ରିଜ ତଳେ ଥିବା ପଥରରେ ଛେଚି ହୋଇ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ପରେ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

# କାର୍ଯ୍ୟାନୁଷ୍ଠାନ ଦାବିରେ ଗଣଧାରଣା

ବରଗଡ଼ ଅଫିସ୍,୮।୧୦

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ତଳିପଡ଼ାର ଯୁବକ ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ଗୋବିନ୍ଦଙ୍କ ମୃତ୍ୟୁ ପାଇଁ ଦାୟୀ କରି ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଜୋର୍ ଧରିଛି। ଏହି କ୍ରମରେ ଶୁକ୍ରବାର ବହୁଜନ ମିଳିତ ମଞ୍ଚ ପକ୍ଷରୁ ବରଗଡ଼ ସହରରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା, ଗଣଧାରଣା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ଆଜୀବନ କାରାଦଣ୍ଡ, ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ, ମୃତକଙ୍କ ପିଲାଛୁଆଙ୍କ ପାଠପଢ଼ା ଏବଂ ଅନ୍ୟାନ୍ୟ ଭରଣପୋଷଣ ରାଜ୍ୟ ସରକାର ବହନ କରିବା ଆଦି ଦାବି ହୋଇଛି।



ବରଗଡ଼ରେ ବିକ୍ଷୋଭ ଶୋଭାଯାତ୍ରା।

ବହୁଜନ ମିଳିତ ମଞ୍ଚର ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସ୍ଥାନୀୟ ଲୋକମଣ୍ଡପ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସରକାରୀ ବସ୍‌ଷ୍ଟାଣ୍ଡ, ଏସ୍‌ପି ଅଫିସ ଛକ, ଗାନ୍ଧୀଛକ ଦେଇ ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ। ମଞ୍ଚର ଆବାହକ ଗୋପବନ୍ଧୁ ଶିକା, ହରିପ୍ରିୟା କନ୍ଦେର, ବାଲକିଶୋର ଛତର, ପଦ୍ମା ଦୀପ, ଜୁଗୁନୁ ଜଗଦଲା, ଆଶୁତୋଷ ଛତର, ଲିଙ୍ଗରାଜ, ଅବିନାଶ ବାଗ, ଆଶିଷ ବେହେରା, ମନୋଜ କଲେତ, ସୁରେଖା ଭୁଏ, ସୀତାରାମ ରୋହିଦାସ ପ୍ରମୁଖ ଉଦ୍‌ବୋଧନ ଦେଇ ପୋଲିସର ବର୍ବରତାକୁ ସମାଲୋଚନା କରିଥିଲେ। ଏହାସହିତ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ପ୍ରକାଶଥାଉକି, ଗତ ସେପ୍ଟେମ୍ବର ୨୪ତାରିଖ ବିଳମ୍ବିତ ରାତ୍ରିରେ ସ୍ଥାନୀୟ ଟାଉନ ଥାନା ପୋଲିସ ଗୋବିନ୍ଦଙ୍କୁ ଘରୁ ଥାନାକୁ ଉଠାଇ ଆଣିଥିଲା। ୨୫ତାରିଖ ସକାଳେ ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ରଖି ଏସ୍‌ପି ଅଫିସ ଆଗରେ ଲୋକେ ଆନ୍ଦୋଳନ କରୁଥିବାବେଳେ ପୋଲିସ ଲାଠିମାଡ଼ କରିଥିଲା। ଘଟଣାର ସମ୍ବେଦନଶୀଳତା ଦୃଷ୍ଟିରୁ ବରଗଡ଼ ଏସ୍‌ପି ରାହୁଲ ଜୈନ ଉକ୍ତ ମାମଲାର ତଦନ୍ତ ପାଇଁ ମାନବାଧିକାର ସୁରକ୍ଷା ସେଲ(ଏଚ୍‌ଆରପିସି)କୁ ଅନୁରୋଧ କରିଥିଲେ। ଏହା ପରେ ଏଚ୍‌ଆରପିସି ଏହାର ତଦନ୍ତ କରୁଛି।

**ପୋଲିସ ହେପାଜତରେ ମୃତ୍ୟୁ ମାମଲା**

- ବହୁଜନ ମିଳିତ ମଞ୍ଚର ବିକ୍ଷୋଭ ଶୋଭାଯାତ୍ରା
- ଜିଲାପାଳ ଅଫିସ ସମ୍ମୁଖରେ ଗଣଧାରଣା
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

## ସଂକ୍ଷେପରେ

### ଆମ୍ବୁଲାନ୍ସରୁ ଗଞ୍ଜେଇ ଜବତ:୨ କୋର୍ଟ ଚାଲାଣ



ଜବତ ଆମ୍ବୁଲାନ୍ସ।

ତରଭା,୮।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲାର ତରଭା ଅଞ୍ଚଳ ଦେଇ ବିଭିନ୍ନ ନୂଆ ନୂଆ ତରିକାରେ ଗଞ୍ଜେଇ ଚୋରାଚାଲାଣ ହେଉଛି । ଶୁକ୍ରବାର ପୂର୍ବାହ୍ନରେ ତରଭା ପୋଲିସ ୫୭ନଂ ଜାତୀୟ ରାଜପଥର ଘାଟକଇଁତରା ଓ ଠକପାଲି ଛକରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଘରୋଇ ଆମ୍ବୁଲାନ୍ସ (ନଂ ଓଡି ୦୩ ଇ ୦୫୭୯) ଆସୁଥିବା ଦେଖି ତାକୁ ସନ୍ଦେହରେ ଅଟକାଇଥିଲା । ଗାଡିକୁ ଯାଞ୍ଚ କରିବା ସମୟରେ ଆଠ ଗୋଟି ଜରିବସ୍ତାରେ ଗଞ୍ଜେଇ ଥିବା ପୋଲିସ ଦେଖିବାକୁ ପାଇଥିଲା । ପୋଲିସ ଗାଡିକୁ ଜବତ କରି ଥାନାକୁ ଆଣି ତଦନ୍ତ କରିବାରୁ ଉକ୍ତ ଗଞ୍ଜେଇ ବୌଦ୍ଧ ଜିଲା କନ୍ଧମାଳ ପଟରୁ ବଲାଙ୍ଗୀର ଦେଇ ଅନ୍ୟତ୍ର ଚୋରାଚାଲାଣ ହେଉଥିବା ଜଣାପଡିଥିଲା । ଜବତ ଗଞ୍ଜେଇ ୨ କୁଇଣ୍ଟାଲ ୬ କେଜି ୪୮୦ ଗ୍ରାମ ବୋଲି ଜଣାଯାଇଛି । ଏହି ଘଟଣାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ରତାଖଣ୍ଡି ଗ୍ରାମର ହରିବୋଲ ପାଣ୍ଡେ(୩୫) ଓ ତରଭା ଥାନା ବ୍ରାହ୍ମଣୀ ଗ୍ରାମର ମାୟାଧର ସେଠୀ(୨୭)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । କେସ ନଂ ୨୧୫/୨୧ । ଚଢାଉରେ ଏସ.ଆଇ ଆରତୀ କହଁର,ଏଏସଆଇ ଅରକ୍ଷୀତ ମାଝୀ,ହାବିଲଦାର ବୃନ୍ଦାବନ ପଞ୍ଚବିହାର, ଉମେଶ ନାଏକ, ପ୍ରକାଶ ଧରୁଆ ପ୍ରମୁଖ ସାମିଲ ଥିଲେ ।

### ଇ-ଶ୍ରମକାର୍ଡ ପାଇଁ ଲୁଟୁଛନ୍ତି ଜନସେବା କେନ୍ଦ୍ର

ବାଉଁଶୁଣୀ,୮।୧୦(ଡି.ଏନ୍.ଏ.): କେନ୍ଦ୍ର ସରକାରଙ୍କ ଅଣ ସଂଗଠିତ ଶ୍ରମିକଙ୍କ ପାଇଁ ଇ-ଶ୍ରମକାର୍ଡ ପ୍ରଚଳିତ କରିଛନ୍ତି । ଯେଉଁଥିରେ ବିଭିନ୍ନ ବର୍ଗର ତଥ୍ୟ ରହୁଛି । ଏଥିପାଇଁ ଜନସେବା କେନ୍ଦ୍ର ଆବେଦନକାରୀମାନଙ୍କୁ ବିନା ଶୁଳ୍କରେ ପଞ୍ଜିକୃତ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିପାଇଁ ପ୍ରତ୍ୟେକ ଜନସେବା କେନ୍ଦ୍ରଙ୍କୁ ପ୍ରତି କାର୍ଡ ପିଛା ୧୬ଟଙ୍କା ପାଇବା ପାଇଁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ବୌଦ୍ଧ ଜିଲାର ବାଉଁଶୁଣୀ ଅଞ୍ଚଳରେ କେତେକ ଜନସେବା ଓ କମ୍ପ୍ୟୁଟର ସେଣ୍ଟର୍‌ମାନଙ୍କରେ ସକାଳୁ ରାତି ପର୍ଯ୍ୟନ୍ତ ଲମ୍ବା ଧାଡି ଦେଖିବାକୁ ମିଳୁଛି । ଏହାର ସୁଯୋଗ ନେଇ କିଛି ଅସାଧୁ ଜନସେବା କେନ୍ଦ୍ର କର୍ମଚାରୀ ୧୦୦ ରୁ ୨୦୦ଟଙ୍କା ପର୍ଯ୍ୟନ୍ତ କାର୍ଡ ବାବଦକୁ ଆଦାୟ କରୁଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି। ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଆଦର୍ଶ ଥାନାରେ ଆମ ପୋଲିସ ବୈଠକ

ପଦ୍ମପୁର ୮।୧୦(ଡି.ଏନ.ଏ): ପଦ୍ମପୁର ଆଦର୍ଶ ଥାନାରେ ଆମ ପୋଲିସ ସମିତିର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ ଓ ଥାନାଧିକାରୀ ରାଜେନ୍ଦ୍ର ସିଆଲ ଯୋଗଦାନ କରି ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ପଦ୍ମପୁର ସହରର କେତେକ ଜନହିତକର କାମ ବିଷୟରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଥାନା ଛକରୁ ଭେଉଁରିଆ ଛକ ପର୍ଯ୍ୟନ୍ତ ରାସ୍ତାକୁ ବେଆଇନ ଭାବେ ଅବରୋଧ କରିବା ଦ୍ୱାରା ଭିଡ ହେଉଛି। ଫଳରେ ଏହି ରାସ୍ତାରେ ଦୁର୍ଘଟଣା ହେଉଛି। ମୁଖ୍ୟ ଛକରେ ସିସି କ୍ୟାମେରା ସ୍ଥାପନ, ପେଟ୍ରୋଲ ପମ୍ପ ମାଲିକମାନେ ସିସି କ୍ୟାମେରା ଲଗାଇବା, ଦ୍ରୁତ ଗତିରୋଧକ ଲଗାଇବା ଉପରେ ଆଲୋଚନା ହୋଇଥିଲା। ବେଆଇନ ରାସ୍ତା ଅବରୋଧ ହଟାଇବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପଦକ୍ଷେପ ନେବାକୁ ଏନ୍‌ଏସି ଅଧିକାରୀ ଘୋଷଣା କରିଥିଲେ। ନାଗରିକ କମିଟି ସମ୍ପାଦକ ଅଜିତ ଶତପଥି, ଲାୟନ୍ସ କ୍ଲବ ସଦସ୍ୟ ହିମାଂଶୁ ଶେଖର ଯୋଷୀ, ମାରୱାଡି ସମାଜରୁ ନନ୍ଦକିଶୋର ଅଗ୍ରୱାଲ, ମୁସଲିମ୍ ସମାଜର ମହମ୍ମଦ ସଦେବ, ବସ୍ ମାଲିକ ସାମୁଏଲ ହୋସନ, ଅଶୋକ ବହିଦାର, ମାରୱାଡି ଯୁବା ମଞ୍ଚର ଅମିତ ଗର୍ଗ, ହରିଶ ଗର୍ଗ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ମନୋରଞ୍ଜନ ସିଂ ବରିହା, ନିରୋଜ ଦୋରା, ଏନ୍‌ଏସିର ରଘୁମଣି ସାହୁ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସିଆର୍‌ପିଏଫ୍ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

ସୋନପୁର,୮।୧୦(ନି.ପ୍ର.)

- ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ
- ଟ୍ରେନ୍‌ରେ ଘରକୁ ଆସୁଥିଲେ
- ରେଳ ଧାରଣା ପାର୍ଶ୍ୱରୁ ମିଳିଛି ମୃତଦେହ

ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ସୁବର୍ଣ୍ଣପୁର ସହର ମଝିପଡ଼ାର ପ୍ରତାପ କୁମାର ନାଏକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମାଆଙ୍କ ଶ୍ରାଦ୍ଧବାର୍ଷିକୀ ପାଇଁ ପ୍ରତାପ ନିଜ ଘରକୁ ଫେରୁଥିଲେ। ସେ ଗତ ୧ ତାରିଖରେ ନାଗାଲାଣ୍ଡରୁ ତିନିଶୁକିଆ-ବାଙ୍ଗାଲୋର ସୁପରଫାଷ୍ଟ ଟ୍ରେନ୍‌ରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ତେବେ ଗୁରୁବାର ତାଙ୍କ ମୃତ୍ୟୁ ଖବର ଘରେ ପହଞ୍ଚି ଥିବାବେଳେ ଶୁକ୍ରବାର ମଧ୍ୟାହ୍ନରେ ସିଆରପିଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇ ନାଗାଲାଣ୍ଡରେ ଶବ ସତ୍କାର କରାଯାଇଛି।

ମଝିପଡ଼ାର ତ୍ରିଲୋଚନ ନାଏକଙ୍କ ମଝିଆ ପୁଅ ପ୍ରତାପ ୨୦୦୭ ମସିହାରେ ସିଆର୍‌ପିଏଫ୍‌ରେ ଯୋଗ ଦେଇଥିଲେ। ସିଆର୍‌ପିଏଫ୍ ୮୨ ବାଟାଲିୟନରେ ଗତ ଦେଢ ବର୍ଷ ଧରି ସେ ନାଗାଲାଣ୍ଡରେ କାର୍ଯ୍ୟରତ ଥିଲେ। ଗତବର୍ଷ ଜାନୁୟାରୀ ୨୩ ତାରିଖରେ ତାଙ୍କ ବାପାଙ୍କ ହୃଦ୍‌ଘାତରେ ଏବଂ ଠିକ୍ ୯ ମାସ ପରେ ମା'ଙ୍କ କରୋନାରେ ମୃତ୍ୟୁ ହୋଇଥିଲା। ଅକ୍ଟୋବର ୧୨ ତାରିଖରେ ମାଆଙ୍କ ଶ୍ରାଦ୍ଧବାର୍ଷିକୀ ଥିଲା। ତେଣୁ ପ୍ରତାପ ଛୁଟି ନେଇ ଘରକୁ ଆସୁଥିଲେ। ନାଗାଲାଣ୍ଡର ଦିମାପୁର ରେଳଷ୍ଟେଶନରେ ସିଆରପିଏଫ୍ ସୁରକ୍ଷା ଗାଡି ଅକ୍ଟୋବର ୧ ତାରିଖରେ ତାଙ୍କୁ ଛାଡିଥିଲା। ରାତି ୧୧ଟା ୩୩ ମିନିଟରେ ଦିମାପୁର ଷ୍ଟେଶନରେ ସେ ଟ୍ରେନ୍ ଚଢିଥିଲେ। କିନ୍ତୁ ପ୍ରତାପ ଭୁବନେଶ୍ୱରରେ ପହଞ୍ଚିଲେ ନାହିଁ କି ସକାଳୁ ସ୍ତ୍ରୀଙ୍କ ଫୋନ୍ ଉଠାଇ ନ ଥିଲେ। ତେଣୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା । ପ୍ରତାପଙ୍କ ନିଖୋଜ ନେଇ ପରିବାର ଲୋକେ ଭୁବନେଶ୍ୱର ସିଆର୍‌ପିଏଫ୍‌ରେ ଅଭିଯୋଗ କରିଥିଲେ। ତେବେ ୬ ତାରିଖ ପର୍ଯ୍ୟନ୍ତ କିଛି ଖବର ମିଳି ନ ଥିଲା। ୭ ତାରିଖରେ ପ୍ରତାପଙ୍କ ସାଙ୍ଗମାନେ ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ, ସିଆର୍‌ପିଏଫ୍ ନାଗାଲାଣ୍ଡ ଓ ଓଡ଼ିଶା ପୋଲିସ ଡିଜିଙ୍କୁ ଟୁଇଟ୍ କରିଥିଲେ। ପରେ ପ୍ରତାପଙ୍କ ଭାଇ ପ୍ରଦୀପଙ୍କ ନିକଟକୁ ନାଗାଲାଣ୍ଡ ସିଆରପିଏଫ୍ କଣ୍ଟ୍ରୋଲ ରୁମ୍‌ରୁ ଏକ ଫଟୋ ପଠାଇ ଚିହ୍ନିବା ପାଇଁ କୁହାଯାଇଥିଲା। ପ୍ରଦୀପ ନିଜ ଭାଇଙ୍କୁ ଚିହ୍ନିବା ପରେ ପ୍ରତାପଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଥିଲା । ପ୍ରତାପଙ୍କୁ ଟଙ୍କା ପାଇଁ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଆକ୍ରମଣ କରି ଟ୍ରେନ୍‌ରୁ ତଳକୁ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ପ୍ରତାପ ଦେଢ ବର୍ଷ ପୂର୍ବରୁ ବିବାହ କରିଛନ୍ତି। ସେ ଟ୍ରେନ୍ ଧରିବା ପୂର୍ବରୁ ନିଜ ସ୍ତ୍ରୀଙ୍କ ସହିତ ଫୋନ୍‌ରେ କଥା ହୋଇଥିଲେ। କିଛି ଅସାମାଜିକ ଲୋକ ତାଙ୍କ ପିଛା କରୁଥିବା ଓ ଟ୍ରେନ୍‌ର ସେହି ବଗିକୁ ଉଠିଥିବା ପ୍ରତାପ ସ୍ତ୍ରୀଙ୍କୁ ଜଣାଇଥିଲେ। ଅନ୍ୟପକ୍ଷେ ପ୍ରତାପ ସାଙ୍ଗରେ ଧରି ଆସୁଥିବା କିଛି ବ୍ୟାଗ୍ ୪ ତାରିଖ ବାଙ୍ଗାଲୋର ଷ୍ଟେଶନରୁ ଜିଆରପିକୁ ମିଳିଛି। ପ୍ରତାପଙ୍କ ମୋବାଇଲ ୨ ତାରିଖ ପରଠାରୁ ବନ୍ଦ ରହିଛି। ତେଣୁ ପ୍ରତାପଙ୍କୁ ହତ୍ୟାକରି ଲମଟିଙ୍ଗ୍ ଷ୍ଟେଶନ ନିକଟରେ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।


ମୃତ ପ୍ରତାପ ନାଏକ(ଫାଇଲ ଫଟୋ) ।

## କୁଡ଼ାପଡ଼ା, ସଂଗ୍ରାମପୁର ସେମି ଫାଇନାଲରେ


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ ।

**୮ମ ମା' ପୂର୍ଣ୍ଣବାସୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଅମରପାଲି,୮।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସଂଗ୍ରାମପୁରରେ ଶୁକ୍ରବାର ୮ମ ମା' ପୂର୍ଣ୍ଣବାସୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବରେ ସ୍ଥାନୀୟ ସ୍କୁଲର ଶିକ୍ଷକ ରାଜେଶ ମେଣ୍ଡିଲି ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବାଗବର ଓ ସୁବଳୟା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ଖେଳ ଗୋଲ ଶୂନ୍ୟ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ବାଗବର ୩-୨ ଗୋଲରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ବଡଅଙ୍କରିଆ ଓ ଫୁଲଚରା ମଧ୍ୟରେ ହୋଇଥିଲା। ଏଥିରେ ଫୁଲଚରା ୧-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଗିରାସିଙ୍ଗା(ବୌଦ୍ଧ)ଓ କୁଡାପଡା ମଧ୍ୟରେ ହୋଇଥିଲା। ଏଥିରେ କୁଡାପଡା ୧-୦ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ସଂଗ୍ରାମପୁର ଟାଇବ୍ରେକର ରେ ୪-୧ ଗୋଲରେ ଲାଡୁରପେଟକୁ ପରାସ୍ତ କରିଥିଲା। ପ୍ରଥମ କ୍ୱାଟର ଫାଇନାଲରେ କୁଡାପଡା ଟାଇବ୍ରେକରରେ ୪-୧ ଗୋଲରେ ବାଗବରକୁ ହରାଇ ସେମିଫାଇନାଲ ରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ କ୍ୱାଟରରେ ସଂଗ୍ରାମପୁର ଟାଇବ୍ରେକରରେ ଫୁଲଚରାକୁ ୪-୧ ଗୋଲରେ ପରାସ୍ତ କରି ସେମିରେ ପ୍ରବେଶ କରିଛି। ମ୍ୟାଚ ଗୁଡିକରେ ଅମରେଶ ପଧାନ, ପ୍ରହ୍ଲାଦ ଭୁକ୍ତା, ତାପସ ଭୁକ୍ତା ପ୍ରମୁଖ ରେଫରି ଭାବେ କାର୍ଯ୍ୟ ତୁଲାଇ ଥିଲେ।

### ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ

ବିନିକା,୮।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ସିଂଘିଯୁବା ଗ୍ରାପ ଜାମପାଲି ଗ୍ରାମର ଶରତ କ୍ଷେତୀ ଓ ସର୍ବେ କ୍ଷେତୀଙ୍କ ଘରେ ଶୁକ୍ରବାର ଅପରାହ୍ନରେ ରନ୍ଧନ ଗ୍ୟାସ ଲିକ୍ ହେବା କାରଣରୁ ନିଆଁ ଲାଗିଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ପୋଡିଯାଇଛି। ବିନିକାରୁ ନିଆଁଲିଭାଳୀ ଦଳ ଆସି ନିଆଁକୁ ଆୟତ୍ତ କରିଥିଲେ ।

### ୨୦୫ ଏସ୍‌ଏଚ୍‌ଜିକୁ ୪କୋଟି ୮ଲକ୍ଷ ଋଣ ପ୍ରଦାନ

ବିନିକା,୮।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ପରିସରରେ ଶୁକ୍ରବାର ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି । ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲା ଏଲଡିଏମ୍ ସରୋଜ କୁମାର ଦାଶ, ବିନିକା ବିଡିଓ ବ୍ୟାସଦେବ ବେହେରା, ଓଏଲ୍‌ଏମ୍ ଆର.କେ. ସ୍ୱାଇଁ, ଜିଲା ନାବାର୍ଡ ଡିଡିଏମ୍ ତାପସ କୁମାର ରାଓ, ବିନିକା ସିଡିପିଓ ସୁହାଗିନୀ ହରିପାଳ, ଜିଲା ମିଶନ ଶକ୍ତି ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ, ଯୁବରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୩ଟି ବ୍ୟାଙ୍କର ବ୍ୟାଙ୍କ ମିତ୍ର ସାମିଲ ହୋଇଥିଲେ । ପରେ ବିନିକା ବ୍ଲକର ୨୦୫ ଏସଏଚ୍‌ଜି ଗ୍ରୁପକୁ ୪କୋଟି ୮ଲକ୍ଷ ଟଙ୍କା ଋଣ ପ୍ରଦାନ ହୋଇଥିଲା । ବିନିକା ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଦ୍ୱିତୀକୃଷ୍ଣ ପଣ୍ଡା ଧନ୍ୟବାଦ ଦେଇଥିଲେ ।

### ସୋଲାର ପାନୀୟଜଳ ପ୍ରକଳ୍ପ ପାଇଁ ସରପଞ୍ଚଙ୍କୁ ଦାବିପତ୍ର

ବାଉଁଶୁଣୀ,୮।୧୦(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କସ୍ଥିତ ଗନ୍ଧରାଡ଼ି ମହାବିଦ୍ୟାଳୟରେ ପାନୀୟଜଳର ଘୋର ଅଭାବ ଯୋଗୁ ଶୁକ୍ରବାର ଆଞ୍ଚଳିକ ସଚେତନ ଯୁବ ସମାଜ ପକ୍ଷରୁ ମହାବିଦ୍ୟାଳୟରେ ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ ପାଇଁ ଖୁଣ୍ଟବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମିତ୍ରଭାନୁ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ମହାବିଦ୍ୟାଳୟରେ ଆଖପାଖ ୭ଟି ପଞ୍ଚାୟତର ପ୍ରାୟ ୫୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଏମାନଙ୍କ ପାଇଁ କେବଳ ଗୋଟିଏ ନଳକୂପ ଅଛି। ଫଳରେ ପାନୀୟ ଜଳ ପାଇଁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଗତ ଜୁଲାଇ ୧୦ରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶୁକ୍ରବାର ପୁନର୍ବାର ଆଉଥରେ ଦାବିପତ୍ର ଦିଆଯାଇଛି। ଦାବିପତ୍ର ବେଳେ ସ୍ୱେଚ୍ଛାସେବୀ ସୁରମଣି ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ସ୍ୱାଧୀନ କୁମାର ପ୍ରଧାନ, ପ୍ରକାଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ପ୍ଲାଷ୍ଟିକ ବର୍ଜନ କାର୍ଯ୍ୟକ୍ରମ

ବୌଦ୍ଧ,୮।୧୦(ସ୍ୱ.ପ୍ର.)

ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୌଦ୍ଧ ଜିଲାରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଶୁକ୍ରବାରଠାରୁ ବୌଦ୍ଧ ସହରରେ ପ୍ଲାଷ୍ଟିକ ବସ୍ତୁ ସଂଗ୍ରହ କରିବା ସହିତ ବର୍ଜନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କନ୍ଧମାଳ ଅଧିକାରୀ ନବନୀଭ କୁମାର ଦାୟିତ୍ୱ ଗ୍ରହଣ କରିବା ପରେ ଆଜିର କାର୍ଯ୍ୟକ୍ରମରେ ଯୋଗଦାନ କରି ବୌଦ୍ଧ ସହରରୁ ୧୧ ହଜାର କିଲୋଗ୍ରାମ ପ୍ଲାଷ୍ଟିକ୍ ସଂଗ୍ରହ କରାଯିବ ବୋଲି ପ୍ରକାଶ କରିଛନ୍ତି। ସକାଳେ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଏବଂ ଯୁଥ କ୍ଲବର ସଦସ୍ୟଙ୍କୁ ନେଇ ବୌଦ୍ଧ ସହରର ୫୭ ନଂ. ଜାତୀୟ ରାଜପଥ ବୁଢୁପାଲି ଠାରୁ ସଫେଇ କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା। ଉଦ୍‌ଘାଟକ ଭାବେ ନେହେରୁ ଯୁବକେନ୍ଦ୍ରର ଡି.ଜି. ନୋମିନୀ ଦେବାଶିଷ ପୁରୋହିତ ଯୋଗଦାନ କରିଥିଲେ। ସକାଳେ ୨ଶହ ବ୍ୟାଗ୍ ସଂଗ୍ରହ କରାଯାଇଥିଲା। ସନ୍ଧ୍ୟାରେ ସହରର ପୋଡାପୋଡା, ରଥସାହି ଓ ବୁଦ୍ଧପଡିଆଠାରୁ ୧ ଶହ ବ୍ୟାଗ ସଂଗ୍ରହ କରାଯାଇଥିଲା। ବୌଦ୍ଧ ଏନଏସିର କର୍ମଚାରୀ ଏବଂ ଯୁଥ୍ ରେଡକ୍ରସ ଅଧିକାରୀ ପ୍ରବିର କୁମାର ଦାସ ଓ ବୌଦ୍ଧ ପଞ୍ଚାୟତ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସୁପ୍ରୀୟା ଦେହୁରୀ, ଧରଣୀଧର ବିଭାର, ମନୋଜ ଭୋକ୍ତା ଯୋଗଦାନ କରିଥିଲେ। ଉତ୍ତମ ମହାକୁଡ ଓ ସତ୍ୟବାନ ଦଳ ବେହେରା ପରିଚାଳନା କରିଥିଲେ।

## ସୁବର୍ଣ୍ଣପୁରରେ ବିଶ୍ୱ ଅଣ୍ଡା ଦିବସ

ସୋନପୁର,୮।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଅଫିସ ସଭାଗୃହଠାରେ ବିଶ୍ୱ ଅଣ୍ଡା ଦିବସ କୋଭିଡ କଟକଣା ଭିତରେ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଅନନ୍ତ ପ୍ରସାଦ ପଣ୍ଡା, ଉପନିର୍ଦ୍ଦେଶକ ଜିଲା ପ୍ରାଣୀ ଚିକିତ୍ସାଳୟ ଡା. ରମେଶ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁନିଲ କୁମାର ଉତ୍ତରସିଂ ମହାପାତ୍ର, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ହିମାଂଶୁ କୁମାର ମହାନ୍ତ ଓ ଏସଡିଭିଓ ଅଶେଷ କୁମାର କର ଅତିଥି ଭାବେ ଯୋଗ ଦେଇଥିଲେ। ସୁବର୍ଣ୍ଣପୁର ଅଣ୍ଡା ଉତ୍ପାଦନରେ ଅନ୍ୟ ଜିଲା ଠାରୁ ବହୁ ଆଗରେ ଅଛି। ଆଗକୁ ଉତ୍ପାଦନ ଆହୁରି ବୃଦ୍ଧି ପାଇବ। ଜିଲାରେ ୩ଲକ୍ଷ ୧୦ହଜାର ଅଣ୍ଡା ଆବଶ୍ୟକ ଥିଲା ବେଳେ ଏବେ ୭ଟି ବଡ ଫାର୍ମରୁ ୨ଲକ୍ଷ ୮୦ହଜାର ଅଣ୍ଡା ଉତ୍ପାଦନ ହେଉଛି । ଅଣ୍ଡାରେ ସବୁ ପ୍ରକାର ଭିଟାମିନ୍ ରହିଛି ବୋଲି ଅତିଥି ବୃନ୍ଦ କହିଥିଲେ। ଅଣ୍ଡାର ଉପକାରିତା ସମ୍ପର୍କରେ ବୁଝାଇବା ସହ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ଅନୁଯାୟୀ ଅତିକମ୍‌ରେ ସମସ୍ତେ ବର୍ଷକୁ ୧୮୦ରୁ ୧୮୫ ଗୋଟି ଅଣ୍ଡା ଖାଇବା ଆବଶ୍ୟକ ବୋଲି ସଚେତନ କରାଯାଇଥିଲା। ସକାଳେ ସ୍ଥାନୀୟ କୁଷ୍ଠାଶ୍ରମରେ ସିଝା ଅଣ୍ଡା ବଣ୍ଟନ କରାଯାଇଥିଲା। ରଞ୍ଜିତ କୁମାର ବେଉରା, ନନ୍ଦିନୀ କର୍ମୀ ଓ ମମତା ପଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ବିଶ୍ୱ ଅଣ୍ଡା ଦିବସରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଉଦ୍‌ଘାଟନ ଅପେକ୍ଷାରେ ରୂପାନ୍ତରିତ ସିନ୍ଧୁରପୁର ହାଇସ୍କୁଲ


ସ୍କୁଲ ପରିସରରେ ଛାତ୍ରୀଛାତ୍ର ଓ ପ୍ରଧାନଶିକ୍ଷକ।

ବିନିକା, ୮।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଧୁରପୁର ପଞ୍ଚାୟତରେ ଥିବା ଗୋପାଳଜୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସିନ୍ଧୁରପୁର। ୧୯୬୦ ମସିହାରେ ସ୍ଥାପିତ ଏହି ଶିକ୍ଷାନୁଷ୍ଠାନ ୨୦୨୧-୨୨ବର୍ଷରେ ୭୦ଲକ୍ଷ ଟଙ୍କା ବ୍ୟୟ ବରାଦରେ ୫ଟି ମଡେଲ ସ୍କୁଲରେ ରୂପାନ୍ତରିତ ହୋଇଛି। ଏବେ ବଦଳି ଯାଇଛି ସ୍କୁଲ ପରିବେଶ। ସୁନ୍ଦର ପ୍ରବେଶ ଫାଟକ ପରେ ସ୍ଥାପିତ ହୋଇଛି ବିଶାଳକାୟ ଗଣେଶ ମୂର୍ତ୍ତି। ଶ୍ରେଣୀ କୋଠରି କାନ୍ଥରେ ଲେଖାଯାଇଛି ମୁଁ ସର୍ବଶ୍ରେଷ୍ଠ ଛାତ୍ର ହେବି, ମୁଁ ସବୁ କାର୍ଯ୍ୟରେ ସମର୍ଥ, ଈଶ୍ୱର ସବୁଠାରେ ବ୍ୟାପ୍ତ, ମୁଁ ଜଣେ ବିଜେତା ଓ ଆଜି ମୋର ହିଁ ଦିନ । ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସ୍କୁଲ କାନ୍ଥରେ ରଙ୍ଗୀନ ଅକ୍ଷରରେ ପିଲାଙ୍କୁ ପ୍ରଯୁକ୍ତି ବିଦ୍ୟା, ସମ୍ମିଳିତ ଉଦ୍ୟମ, ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଓ ପରିବର୍ତ୍ତନ ବିଷୟରେ ମାର୍ଗଦର୍ଶନ କରାଯାଇଛି। ଆଇସିଟି ଲ୍ୟାବ, ପଠାଣି ସାମନ୍ତ କକ୍ଷ, ଡିଜିଟାଲ ନର୍ମଦା କକ୍ଷର ଫାଇଦା ନେଉଛନ୍ତି ବିଦ୍ୟାର୍ଥୀ। ପିଲାଙ୍କ ମନରେ ଉତ୍ସାହ ଭରି ଦେବା ପାଇଁ କୋଠା କାନ୍ଥରେ କବି ଗଙ୍ଗାଧର ମେହେର, ବୀର ସୁରେନ୍ଦ୍ର ସାଏ, ପଦ୍ମଶ୍ରୀ ହଲଧର ନାଗଙ୍କ ଫଟୋଚିତ୍ର ଅଙ୍କିତ ହୋଇଛି। ପିଲାଙ୍କ ମଧ୍ୟରେ ପୁସ୍ତକ ପଠନ ଭାବନାକୁ ଅଧିକ ଜାଗ୍ରତ କରିବା ପାଇଁ ଉନ୍ନତ ଧରଣର ଗ୍ରନ୍ଥାଗାର ସ୍ଥାପନ ହୋଇଛି ସ୍କୁଲ ପରିସରରେ। ବିଜ୍ଞାନର ଅଗ୍ରଗତି ପାଇଁ ରହିଛି ଅବଦୁଲ କଲାମ ବିଜ୍ଞାନଗାର କକ୍ଷ। ଡିଜିଟାଲ ଶିକ୍ଷା ପ୍ରଦାନ ସହ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଉନ୍ନତ ମାନର ଶୌଚାଳୟ, ସବୁଜ ଉଦ୍ୟାନ, ସାଇକେଲ ଷ୍ଟାଣ୍ଡ ସ୍ଥାପନ କରାଯାଇଛି ପିଲାଙ୍କୁ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ। ୫ଟି ସ୍କୁଲରେ ରୂପାନ୍ତରିତ ହୋଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି ସିନ୍ଧୁରପୁର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରହ୍ଲାଦ ପଣ୍ଡା। ଖୁବ୍‌ଶୀଘ୍ର ଏହା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହେବ ବୋଲି ପ୍ରଧାନଶିକ୍ଷକ ପଣ୍ଡା କହିଛନ୍ତି।

